

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୦୯ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 APRIL 2022
Vol.No. 33 ■ No. 93 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ : ତାରିଣୀ ବିଦ୍ୟା ଭଣ୍ଡାର ଷ୍ଟେସନ ରୋଡ, ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


# ୟୁକ୍ରେନର ରେଳ ଷ୍ଟେସନରେ ରୁଷିଆର ମିଜାଇଲ୍ ମାଡ଼

## ୩୦ ମୃତ, ଶହେରୁ ଅଧିକ ଆହତ



ନୂଆଦିଲ୍ଲୀ, ୦୮/୦୪ : ରୁଷ-ୟୁକ୍ରେନ ଭିତରେ ଯୁଦ୍ଧକୁ ୪୧ ଦିନ ହୋଇ ସାରିଲାଣି । ଦୁଇ ଦେଶ ମଧ୍ୟରେ ଏବେ ବି ଶାନ୍ତି ପ୍ରତିଷ୍ଠା ପାଇଁ ବୁଝାମଣା ହୋଇ ପାରୁନାହିଁ । ରାଜଧାନୀ କିଭ୍ ଓ ଏହାର ଆଖପାଖ ଅଞ୍ଚଳରୁ ରୁଷୀୟ ସେନା ପଛକୁ ହଟିଛନ୍ତି ସତ ହେଲେ ୟୁକ୍ରେନ ଉପରେ ଆକ୍ରମଣ କରିବା ବନ୍ଦ ହୋଇ ନାହିଁ । ସୋମବାର ପୁଣି ଥରେ ୟୁକ୍ରେନ ଖାରକିଭ ସହରରେ ରକେଟ୍ ମାଡ କରିଛି ପୁଟିନ୍ ବାହିନୀ । ଏଥିରେ ୨ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ୟୁକ୍ରେନ ଉପରେ ରୁଷିଆର ଜୋରଦାର ଆକ୍ରମଣ ଜାରିରହିଛି । ମିଳିଥିବା ସୂଚନା ଅନୁସାରେ ଡୋନେସ୍କ ଓ କ୍ରାମାଟୋର୍ସ୍କ ରେଳଷ୍ଟେସନରେ ବଡ ଧରଣର ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଶହେ ଜଣ ଗୁରୁତର ଭାବେ ଆହତ ହୋଇଥିବା ଦାବି କରିଛି ୟୁକ୍ରେନ । ସୂଚନା ଅନୁସାରେ ଡୋନେସ୍କରେ ଫସିଥିବା ୟୁକ୍ରେନ ନାଗରିକଙ୍କୁ ୟୁକ୍ରେସନ ସେନା ସେଠାରୁ ଉଦ୍ଧାର କରୁଥିବା ବେଳେ ଏହି ମିଜାଇଲ ଆକ୍ରମଣ ହୋଇଛି । ସାଧାରଣ ନାଗରିକଙ୍କ ଉପରେ ରୁଷିଆ ସେନା ଆକ୍ରମଣ କରୁଥିବା ପୁଣି ଥରେ ଅଭିଯୋଗ କରିଛି ୟୁକ୍ରେନ । ୟୁକ୍ରେନର ବୁଚା ସହରରେ ଆକ୍ରମଣକୁ ନେଇ ରୁଷ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ୟୁଏନଜିଏ । ମିଳିତ ଜାତିସଂଘର ମାନବିକ ଅଧିକାର ପରିଷଦରୁ ରୁଷିଆକୁ ନିଲମ୍ବନ କରି ଦିଆଯାଇଛି । ୟୁକ୍ରେନର ବୁଚା ସହରରେ ଗଣସଂହାର ପ୍ରତିବାଦରେ ଜାତିସଂଘର ସାଧାରଣ ଅଧିବେଶନ ବସିଥିଲା । ରୁଷ ଯୁଦ୍ଧ ଅପରାଧ କରିଥିବା ଅଭିଯୋଗ ଆଣି ମାନବିକ ଅଧିକାର ପରିଷଦରୁ ରୁଷିଆକୁ ସସପେଣ୍ଡ କରିବା ପାଇଁ ଭୋଟିଂ ହୋଇଥିଲା । ପ୍ରସ୍ତାବ ସପକ୍ଷରେ ୯୩ଟି ଭୋଟ ପଡ଼ିଥିବା ବେଳେ ବିରୋଧରେ ପଡ଼ିଥିଲା ୨୪ଟି ଭୋଟ । ଭାରତ ସମେତ ୫୮ଟି ଦେଶ ଭୋଟଦାନରୁ ବିରତ ରହିଥିଲେ । ରୁଷ ସପକ୍ଷରେ ଖୋଲାଖୋଲି ଚୀନ, ଇରାନ, ନର୍ଥ କୋରିଆ, ସିରିଆ, ତାଜକିସ୍ତାନ, ବେଲାରୁଷ, ଭିଏତନାମ, ଜିମ୍ବାୱେ ସମେତ ୨୪ଟି ରାଷ୍ଟ୍ର ମତଦାନ କରିଥିଲେ । ୟୁକ୍ରେନରେ ରୁଷ ନରସଂହାର କରୁଥିବା ଅଭିଯୋଗ କରିଥିଲେ ଆମେରିକା ସମେତ ୟୁରୋପୀୟ ଦେଶ । ସେପଟେ ରୁଷ କହିଛି, ରୁଷ ବିରୋଧରେ ଏହା ପଶ୍ଚିମ ଦେଶଗୁଡିକର ଷଡ଼ଯନ୍ତ୍ର । ୨୦୦୬ ମସିହାରେ ପ୍ରତିଷ୍ଠିତ ଜାତିସଂଘର ମାନବିକ ଅଧିକାର ପରିଷଦରୁ ଦ୍ୱିତୀୟ ଦେଶ ଭାବେ ବାହାର ହୋଇଛି ରୁଷ । ଏହାପୂର୍ବରୁ ୨୦୧୧ ମସିହାରେ ଲିବିୟାକୁ ମାନବିକ ଅଧିକାର ପରିଷଦରୁ ବିଦା କରାଯାଇଥିଲା । ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରଠୁ ଆମେରିକା, ବ୍ରିଟେନ ଓ ୟୁରୋପୀୟ ଦେଶ ଦ୍ୱାରା ଜାତିସଂଘ ସୁରକ୍ଷା ପରିଷଦ, ଜାତିସଂଘର ସାଧାରଣ ଅଧିବେଶନ ଓ ମାନବାଧିକାର ପରିଷଦରେ ରୁଷ ବିରୋଧରେ ୧୦ଟି ପ୍ରସ୍ତାବ ଦିଆଯାଇଛି ।

### ପାକିସ୍ତାନ ରାଜନୀତି

## ଖାରଜ କରାଯାଇପାରିବନି ଅନାସ୍ଥା ପ୍ରସ୍ତାବ : ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି



କନକ ବ୍ୟୁରୋ: ଇମ୍ରାନ ଖାନ୍ ରାଜନୀତିରେ ଦୀର୍ଘ ୨୨ବର୍ଷର ସଂଘର୍ଷ ପରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ବନିଥିଲେ । କିନ୍ତୁ ତାଙ୍କ କ୍ଷେତ୍ରରେ ମଧ ଗତ ୭୫ବର୍ଷ ଇତିହାସର ପୁନରାବୃତ୍ତି ଘଟିବାକୁ ଯାଉଛି । ପାକିସ୍ତାନରେ ଆଜି ଯାଏଁ ଜଣେ ହେଲେ ପ୍ରଧାନମନ୍ତ୍ରୀ ନିଜର ୫ବର୍ଷର କାର୍ଯ୍ୟକାଳ ପୂରଣ କରିପାରିନାହାନ୍ତି ଏବଂ ଶନିବାର ଦିନ ତାଙ୍କ ବିରୋଧରେ ଅନାସ୍ଥା ଭୋଟ ହେଲେ ସେ ଜିତିବାର ସମ୍ଭାବନା କମ । କାରଣ ବିରୋଧୀଙ୍କ ନିକଟରେ ରହିଛନ୍ତି ଅଧିକ ସାଂସଦ । ପଡୋଶୀ ପାକିସ୍ତାନରେ ଚାଲିଥିବା ରାଜନୈତିକ ସଙ୍କଟ ଧିରେ ଧିରେ ଗଭୀର ହେବାରେ ଲାଗିଛି । ପାକିସ୍ତାନ ସୁପ୍ରିମକୋର୍ଟଙ୍କ ରାୟ ପରେ ଇମ୍ରାନ ଖାନଙ୍କ ସବୁ ଚାଲ ଫେଲ ମାରିଛି । ଶନିବାର ଦିନ ନ୍ୟାସନାଲ ଆସେମ୍ବଲିରେ ଇମ୍ରାନ ଖାନ୍ ପୁଣି ଅନାସ୍ଥା ଭୋଟିଂର ସମ୍ମୁଖୀନ ହେବାକୁ ଯାଉଛନ୍ତି । ଅନାସ୍ଥା ଭୋଟିଂରେ ଇମ୍ରାନ ପରାଜିତ ହେଲେ ନ୍ୟାସନାଲ ଆସେମ୍ବଲି ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତି କରିପାରିବ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ପାକ୍ ଚିଫ୍ ଜଷ୍ଟିସ ଉମର ଅତା ବନ୍ଦିୟାଲ କହିଛନ୍ତି, ନ୍ୟାୟାଳୟ ରାଷ୍ଟ୍ରୀୟ ହିତ ଓ ବ୍ୟବହାରିକ ସମ୍ଭାବନାକୁ ଆଖିରେ ରଖି ରାୟ ଶୁଣାଇଛନ୍ତି । ସୁପ୍ରିମକୋର୍ଟଙ୍କ ୫ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣି କରି ନ୍ୟାସନାଲ ଆସେମ୍ବଲିର ▶▶ପୃଷ୍ଠା ୭

## ଏପ୍ରିଲ ୧୦ତାରିଖରୁ ସମସ୍ତଙ୍କୁ ମିଳିବ ବୁଷ୍ଟର ଡୋଜ୍

### ଘରୋଇ ଟିକା କେନ୍ଦ୍ରରେ ଟଙ୍କା ଦେଇ ନେଇପାରିବେ ତୃତୀୟ ଡୋଜ୍ କରୋନା ଟିକା




ନୂଆଦିଲ୍ଲୀ, ୦୮/୦୪ : ଏବେ ଦେଶରେ ୧୮ ବର୍ଷରୁ ଅଧିକ ବୟସ୍କ ନେଇପାରିବେ ବୁଷ୍ଟର ଡୋଜ୍ । ଏପ୍ରିଲ ୧୦ ଅର୍ଥାତ୍ ରବିବାର ଠାରୁ ଏହି ପ୍ରକ୍ରିୟା ଆରମ୍ଭ ହେବ । ଘରୋଇ ଟିକାକେନ୍ଦ୍ରରେ ମିଳିବ ବୁଷ୍ଟର ଡୋଜ୍, ହେଲେ ଏହା ମାଗଣାରେ ମିଳିବ ନାହିଁ । ଯେଉଁମାନେ ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବେ ଏବଂ ଦ୍ୱିତୀୟ ଡୋଜ୍ ଟିକା ନେବାର ୯ ମାସ ପୂର୍ଣ୍ଣ ହୋଇଥିବ, ସେମାନେ ବୁଷ୍ଟର ଡୋଜ୍ ନେଇପାରିବେ ବୋଲି ଟ୍ୱିଟ୍ କରି ଜଣାଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ । ଘରୋଇ ଟିକାକେନ୍ଦ୍ରରେ ମିଳିବ ବୁଷ୍ଟର ଡୋଜ୍ । ରବିବାରଠାରୁ ନେଇହେବ ତୃତୀୟ ଡୋଜ୍ କରୋନା ଟିକା । ୧୮ ବର୍ଷରୁ ଅଧିକ ସମସ୍ତେ ନେଇପାରିବେ ଟିକା । ସ୍ୱାସ୍ଥ୍ୟ କର୍ମୀ, ଆଗଧାଡ଼ିର କରୋନା ଯୋଦ୍ଧା ଏବଂ ୬୦ ବର୍ଷରୁ ଅଧିକ ବୟସ୍କଙ୍କୁ ବୁଷ୍ଟର ଡୋଜ୍ ଦିଆଯିବା ପରେ ଏବେ ସମସ୍ତଙ୍କୁ ତୃତୀୟ ଡୋଜ୍ ଟିକା ନେବା ପାଇଁ ଅନୁମତି ମିଳିଛି । ଯେଉଁମାନେ ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବେ ଏବଂ ଦ୍ୱିତୀୟ ଡୋଜ୍ ଟିକା ନେବାର ୯ ମାସ ପୂର୍ଣ୍ଣ ହୋଇଥିବ, ସେମାନେ ବୁଷ୍ଟର ଡୋଜ୍ ନେଇପାରିବେ ବୋଲି ଟ୍ୱିଟ୍ କରି ଜଣାଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ । ୧୦ ତାରିଖରୁ ଘରୋଇ ହସ୍ପିଟାଲ ବା ଟିକାକେନ୍ଦ୍ରରେ ▶▶ପୃଷ୍ଠା ୭

## ଭାରତ-ପାକିସ୍ତାନ ସୀମାରୁ ୧ କିଲୋ ୨୦୦ ଗ୍ରାମ ହେରୋଇନ୍ ଜବତ : ଦୁଇ ମହିଳା ତସ୍କର ଗିରଫ

ଚଣ୍ଡୀଗଡ଼, ୦୮/୦୪ (ନି.ପ୍ର): ସୀମା ସୁରକ୍ଷା ବଳ(ବିଏସ୍ଏଫ୍) ଶୁକ୍ରବାର ସକାଳେ ଫିରୋଜପୁର ସେକ୍ଟରରୁ ୧ କେ.ଜି. ୨୦୦ ଗ୍ରାମ୍ ହେରୋଇନ୍ ଜବତ କରି ଦୁଇ ମହିଳା ତସ୍କରଙ୍କୁ ଗିରଫ କରିଛନ୍ତି। ଦୁଇ ସୀମା ପାରରୁ ଆସିଥିବା ହେରୋଇନ୍‌ର ତଲାସରେ ପ୍ରତିବନ୍ଧିତ ଅଂଚଳରେ ପଶିଥିଲେ। ଏହି ଗିରଫ ଭାରତ-ପାକିସ୍ତାନ ସୀମାରେ କରାଯାଇଛି। ବିଏସ୍ଏଫ୍‌ର ଯବାନଙ୍କୁ ଗସ୍ତ ସମୟରେ ସୀମା ପାରରୁ ଏକ ବ୍ୟକ୍ତି ଦ୍ୱାରା ପ୍ୟାକେଟ୍ ପକାଇବାର ପ୍ରମାଣ ମିଳିଛି। ଅନ୍ଧାରର ଫାଇଦା ଉଠାଇ ପ୍ୟାକେଟ ପକାଇବା ଲୋକ ଫେରାର ହୋଇଯାଇଥିଲା। ବିଏସ୍ଏଫ୍ ପ୍ୟାକେଟ୍‌ର ଯାଂଚ କରିବାବେଳେ ସେଥିରୁ ଏକ କିଲୋ ୨୦୦ ଗ୍ରାମ ହେରୋଇନ୍ ଜବତ ହୋଇଥିଲା ଯାହାର ମୂଲ୍ୟ ଅନ୍ତରାଷ୍ଟ୍ରୀୟ ବଜାରରେ ପାଖାପାଖି ପାଂଚ କୋଟି ବୋଲି ଜଣାପଡ଼ିଛି।

## ଜୟଦେବ ବିହାର ଓଭର ବ୍ରିଜ୍ ତଳେ ଓଲଟିଲା ବସ୍

ଭୁବନେଶ୍ୱର, ୦୮/୦୪ (ନି.ପ୍ର): ଭୁବନେଶ୍ୱର ଜୟଦେବ ବିହାର ଓଭର ବ୍ରିଜ ତଳେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡରରେ ପିଟି ହେବା ପରେ ବସ୍ ଟି ଓଲଟି ପଡିଥିଲା। ଦୁର୍ଘଟଣାରେ ପ୍ରାୟ ୧୦ ଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଛି। ବସ୍‌ଟି ୩୦ ଜଣ ଶ୍ରମିକଙ୍କୁ ନେଇ ନୟାପଲ୍ଲୀରୁ ପଟିଆ ଯାଉଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଶ୍ରୀଲଙ୍କାରେ ଗମ୍ଭୀର ଆର୍ଥିକ ସଙ୍କଟ : ଅନାସ୍ଥା ପ୍ରସ୍ତାବ ଆଣିବାକୁ ବିରୋଧୀଙ୍କ ଧମକ



ନୂଆଦିଲ୍ଲୀ, ୦୮/୦୪ : ଶ୍ରୀଲଙ୍କାର ପରିସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି । ଆର୍ଥିକ ସମସ୍ୟା ଦୂର କରିବା ପାଇଁ ଅର୍ନ୍ତଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମଏଫ ଠାରୁ ଋଣ କରିବାକୁ ଯୋଜନା କରୁଛି ଶ୍ରୀଲଙ୍କା । ସେପଟେ ରାଜପକ୍ଷେ ସରକାର କାର୍ଯ୍ୟକାଳରେ ଅନେକ ଅର୍ଥ ହେର ଫେର ହେଇଥିବା ଅଭିଯୋଗ ଆଣିଛନ୍ତି ସାଂସଦ । ଶ୍ରୀଲଙ୍କାରେ ଅର୍ଥନୈତିକ ସଙ୍କଟ ବଢିବାରେ ଲାଗିଛି । ଦେଶରେ ଦିନକୁ ଦିନ ଆର୍ଥିକ ସଙ୍କଟ ବଢୁଥିବାରୁ ଅନିଶ୍ଚିତତା ଭିତରକୁ ଠେଲି ହେଇଯାଉଛି ଶ୍ରୀଲଙ୍କାର ଭାଗ୍ୟ । ଏହାରି ଭିତରେ ଶ୍ରୀଲଙ୍କାର ମୁଖ୍ୟ ବିରୋଧୀ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଧମକ ଦେଇଛନ୍ତି । ଦେଶରେ ଦେଖାଦେଇଥିବା ଆର୍ଥିକ ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନନେଲେ ଅନାସ୍ଥା ପ୍ରସ୍ତାବ ଆଣିବେ ବୋଲି କହିଛନ୍ତି । ଦେଶରେ ଆର୍ଥିକ ସମସ୍ୟା ଦୂର କରିବା ପାଇଁ ଶ୍ରୀଲଙ୍କା ଅର୍ନ୍ତଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମଏଫ ଠାରୁ ଋଣ କରିବାକୁ ଯୋଜନା କରୁଥିବା ଜଣାପଡିଛି । ସେହିପରି ୱାର୍ଲ୍ଡ ବ୍ୟାଙ୍କ ଓ ▶▶ପୃଷ୍ଠା ୭

## ସାମ୍ବାଦିକଙ୍କୁ ବେଡି ପକାଇବା ଘଟଣାରେ ବଦଳିଲେ ଆଇଆଇସି

ଭୁବନେଶ୍ୱର, ୦୮/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଜଣେ ସାମ୍ବାଦିକଙ୍କୁ ମିଛ କେସରେ ଫସାଇ ହସ୍ପିଟାଲରେ ବେଡ଼ି ପକାଇବା ଘଟଣାରେ ଆଇଆଇସିଙ୍କ ବଦଳି କରା ଯାଇଥିବା ଜଣା ପଡିଛି । ନୀଳଗିରି ଥାନା ଆଇଆଇସି ଦ୍ରୌପଦୀ ଦାସଙ୍କୁ ଅନ୍ୟସ୍ଥାନକୁ ବଦଳି କରାଯାଇଛି । ତାଙ୍କ ସହିତ ମାମଲାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ସୁବର୍ଣ୍ଣା ବେହେରାଙ୍କୁ ମଧ ବଦଳି କରାଯାଇଛି । ଉଭୟଙ୍କୁ ବାଲେଶ୍ୱର ମୁଖ୍ୟାଳୟକୁ ବଦଳି କରାଯଇଥିବା ଜଣା ପଡିଛି ।

## ସାମ୍ବାଦିକଙ୍କୁ ବେଡି ଘଟଣାରେ ନିଜ ଆଡୁ ରିପୋର୍ଟ ମାଗିଲେ ଓଏଚଆରସି




ଭୁବନେଶ୍ୱର, ୦୮/୦୪ (ନି.ପ୍ର): ସାମ୍ବାଦିକଙ୍କ ଗୋଡରେ ବେଡି ପକାଇବା ଘଟଣା । ନିଜ ଆଡୁ ମାମଲାରେ ରାଜ୍ୟ ମାନବାଧିକାର କମିଶନ ହସ୍ତକ୍ଷେପ କରିଛନ୍ତି । ସାମ୍ବାଦିକଙ୍କ ଗୋଡରେ ହ୍ୟାଣ୍ଡକପ୍ ପକାଇବା ମାନବାଧିକାରର ଉଲ୍ଲଂଘନ । ପୂର୍ବାଞ୍ଚଳ ଆଇଜିଙ୍କୁ ମାନବାଧିକାର କମିଶନ ରିପୋର୍ଟ ତଲବ କରିଛନ୍ତି । ୧୫ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟାବସ୍ଥା ନେଇ ରିପୋର୍ଟ ଦେବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ଏହି ଘଟଣାରେ ପ୍ରତିକ୍ରିୟା ଦେଇଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ । ପୋଲିସର ଏଭଳି କାମକୁ ସେ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି । ଏପରିକି ଏଭଳି ଘଟଣା ଅମାନବିକ ଓ ମାନବାଧିକାରକୁ କ୍ଷୁର୍ଣ୍ଣ କରୁଥିବା କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି । ସେ କହିଛନ୍ତି, ଏଭଳି ସ୍ୱର୍ଶକାତ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶକ୍ରମେ ଜଣେ ଡିଏସପିଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି । ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି । ସେପଟେ ଘଟଣାରେ ହସ୍ତକ୍ଷେପ କରିଛନ୍ତି ଜିଲ୍ଲା ମାନବାଧିକାର କମିଶନ । ସେ ନୀଳଗିରିରେ ପହଂଚି ମାମଲାର ତଦନ୍ତ ଆରମ୍ଭ କରିବା ସହ ଥାନାରେ ପହଂଚି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ନେଇଛନ୍ତି । ସେ ଏଭଳି ଅମାନୁଷିକ କାର୍ଯ୍ୟକୁ ସମାଲୋଚନା କରିଛନ୍ତି । ଏବଂ ଆବଶ୍ୟକ ପଡ଼ିଲେ ପୋଲିସ୍ ବିରୋଧରେ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି ଜିଲ୍ଲା ମାନବାଧିକାର କମିଶନଙ୍କ ସଭାପତି ।

## ଜେଲ୍ ଗଲେ କୋଟିପତି ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳ




ଭୁବନେଶ୍ୱର, ୦୮/୦୪ (ନି.ପ୍ର): ଆୟବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଭଞ୍ଜନଗରର ସହକାରୀ ଯନ୍ତ୍ରୀ କାର୍ତିକେଶ୍ୱର ରାଉଳଙ୍କୁ ଭିଜିଲାନ୍ସ ଗିରଫ କରିବା ପରେ ଶୁକ୍ରବାର ଦିନ ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜେଲକୁ ପଠାଇ ଦିଆଯାଇଛି । ବର୍ତମାନ ସୁଦ୍ଧା ତାଙ୍କର ସମ୍ପତିର ମୂଲ୍ୟ ୫ କୋଟି ୮୨ ହଜାର ୭୯୪ ଟଙ୍କାରୁ ଅଧିକ ବୋଲି ଜଣାଯାଇଛି । ଏହା ତାଙ୍କର ବୈଧ ଆୟ ତୁଳନାରେ ପ୍ରାୟ ୭୪୧ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ବିଭାଗ କହିଛି । ଏହି ମାମଲାରେ ତଦନ୍ତ ଏବେ ବି ଜାରି ରହିଥିବାରୁ ଏହି ରାଶି ଆହୁରି ବଢିବାର ସମ୍ଭାବନା ରହିଛି । ଗତକାଲି କାର୍ତିକେଶ୍ୱରଙ୍କ ଦ୍ୱିତୀୟ ପତ୍ନୀଙ୍କ ଘରୁ ନଗଦ ୨ କୋଟି ୫୦ ଲକ୍ଷ ଟଙ୍କା ଜବତ ହୋଇଥିଲା । ତାଙ୍କର ଜବତ ସଂପତିର ପରିମାଣ ୪ କୋଟି ୭୬ ଲକ୍ଷ ଟଙ୍କା ଆକଳନ କରାଯାଇଛି । ଜବତ ସଂପତି ଭିତରେ ନଗଦ ଟଙ୍କା ସହିତ ସୁନା ଗହଣା, ଏକାଧିକ ଘର ଓ ପ୍ଲଟ୍ ସାମିଲ ଅଛି ।

## ଝାରପଡ଼ା ଗଣେଶ ମଣ୍ଡପ ହାଟ ଉଚ୍ଛେଦରୁ ଉତ୍ତେଜନା

ଭୁବନେଶ୍ୱର, ୦୮/୦୪ (ନି.ପ୍ର): ଭୁବନେଶ୍ୱର ଝାରପଡ଼ା ଗଣେଶ ମଣ୍ଡପ ହାଟ ଉଚ୍ଛେଦକୁ ନେଇ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଛି । ରାଜନୈତିକ ଆକ୍ରୋଶ ରଖି ଏହି ଉଚ୍ଛେଦ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ଉଚ୍ଛେଦ ପ୍ରତିବାଦରେ ବିଜେପି ଓ ସ୍ଥାନୀୟ ବ୍ୟବସାୟୀଙ୍କ ପକ୍ଷରୁ କଟକ-ପୁରୀ ରାସ୍ତାର ଲକ୍ଷ୍ମୀସାଗର ଗୋଲେଇ ଛକ ନିକଟରେ ରାସ୍ତା ଅବରୋଧ କରାଯାଇଛି । ଦୋକାନୀମାନଙ୍କୁ କ୍ଷତିପୂରଣ ଓ ଥଇଥାନ ଦାବିରେ ରାସ୍ତା ଅବରୋଧ କରାଯାଇଥିବା ଜଣାଯାଇଛି । ରାସ୍ତା ଅବରୋଧ ଯୋଗୁଁ ରାସ୍ତାରେ ଶହ ଶହ ଗାଡି ଅଟକି ରହିଛି । ପୋଲିସ୍ ସେମାନଙ୍କୁ ବାରଣ କିବାରୁ ପୋଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି । ଫଳରେ ପୋଲିସ୍ କେତେକ ବିକ୍ଷୋଭକାରୀଙ୍କୁ ଅଟକ ରଖିଥିବା ଜଣାପଡିଛି । ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ପୋଲିସ୍ ଅଧିକାରୀମାନେ ଘଟଣାସ୍ଥଳରେ ପହଂଚିଥିବା ବେଳେ ୧୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ଝାରପଡ଼ା ଗଣେଶ ମଣ୍ଡପ ହାଟର ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି ଯେ ଗତକାଲି ରାତିରେ ସେମାନଙ୍କୁ ଉଚ୍ଛେଦ ସମ୍ପର୍କରେ ସୂଚନା ଦିଆଯାଇଥିଲା । ସେମାନଙ୍କୁ ନିଜ ଦୋକାନ ସାମଗ୍ରୀ ସ୍ଥାନାନ୍ତର କରିବାକୁ ସମୟ ନଦେଇ ଆଜି ଭୋର ୪ ଟାରୁ ଉଚ୍ଛେଦ ଆରମ୍ଭ କରିଦେଇଥିଲା ବିଏମସି । ଏହାଫଳରେ ଅନେକ ବ୍ୟବସାୟୀ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି । ଘଟଣା ସଂପର୍କରେ ଖବର ପାଇ ପୌର ନିର୍ବାଚନରେ ବିଜେପିର ମେୟର ପ୍ରାର୍ଥୀ ହୋଇଥିବା ଡକ୍ଟର ସୁନୀତି ମୁଣ୍ଡ,ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂହ ଓ ପରିଷ୍ଟ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ପହଂଚିଥିଲେ ।ସେମାନେ ଏହାକୁ ରାଜନୈତିକ ଆକ୍ରୋଶ ବୋଲି ଅଭିଯୋଗ କରିଛନ୍ତି । ଯେହେତୁ ସେହି ୱାର୍ଡରେ ବିଜେପିର କର୍ପୋରେଟର୍ ପ୍ରାର୍ଥୀ ବିଜୟୀ ହୋଇଛନ୍ତି, ତେଣୁ ବିଜେଡି ଜାଣିଶୁଣି ଏଭଳି ଝାରପଡ଼ା ଗଣେଶ ମଣ୍ଡପ ହାଟ ଉଚ୍ଛେଦ କରାଯାଇଛି ବୋଲି କହିଛନ୍ତି । ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ : ଜବାବ ମାଗିଲେ ହାଇକୋର୍ଟ



ଭୁବନେଶ୍ୱର, ୦୮/୦୪ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ଜବାବ ମାଗିଲେ ହାଇକୋର୍ଟ । ରାଜ୍ୟ ସରକାର ଓ ଏଏସଆଇଙ୍କୁ ଜବାବ ତଲବ କରିଛନ୍ତି କୋର୍ଟ । ଶ୍ରୀମନ୍ଦିର ଚାରିପଟେ କଣ ନିର୍ମାଣ ଚାଲିଛି, ନିର୍ମାଣ ପାଇଁ ଅନୁମତି ଅଛି କି ନାହିଁ, ନିର୍ମାଣ ଦ୍ୱାରା ଅନ୍ୟ କିଛି ବିପଦ ଅଛି କି ନାହିଁ, ଏନେଇ ବିସ୍ତୃତ ଭାବେ ଜଣାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୧୭ ତାରିଖ ସୁଦ୍ଧା ଉତ୍ତର ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଖନନକୁ ନେଇ ବିବାଦ ମୁଣ୍ଡ ଟେକିଛି । ପ୍ରସଙ୍ଗକୁ ନେଇ ସଂସଦରୁ ସାଂସଦମାନେ ମୁହାଁମୁହିଁ ହୋଇଥିବା ବେଳେ ମାମଲା ହାଇକୋର୍ଟରେ ପହଂଚିଛି । ଏହି ପ୍ରସଙ୍ଗରେ ଆସନ୍ତା ୨୧ ତାରିଖରେ ଶୁଣାଣି କରିବେ ହାଇକୋର୍ଟ । ସେପଟେ, ସୌନ୍ଦର୍ଯ୍ୟକରଣ ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଖନନ ଓ ନିର୍ମାଣକୁ ନେଇ ତୀବ୍ର ବିରୋଧ ପରେ ମୁଣ୍ଡ ନୁଆଁଇଛି ପ୍ରଶାସନ । ବେଆଇନ୍ ଖନନ ଓ ନିର୍ମାଣ ଚାଲିଥିବା ଖନନ ସ୍ଥଳକୁ ବାଲି ପକାଇ ପୋତିଛି ଠିକା ସଂସ୍ଥା । ସେହିପରି ଯେଉଁ ସ୍ଥାନରେ କଂକ୍ରିଟ ନିର୍ମାଣ କାମ ଆରମ୍ଭ ହୋଇସାରିଥିଲା ଏବଂ ରଡ୍ ବାଇଣ୍ଡିଂ ପାଇଁ ପ୍ରସ୍ତୁତି ଚାଲିଥିଲା, ସେସବୁ କାମକୁ ମଧ ବନ୍ଦ କରାଯାଇ ବାଲି ପୋତିଦିଆଯାଇଛି । ▶▶ପୃଷ୍ଠା ୭

# ବିଭାଗର ମନମାନି: ବିନା ପ୍ରଚାରରେ ୬ ଘଂଟା ବିଦ୍ୟୁତ କାଟ

ଭବାନୀପାଟଣା,୦୮/୦୪ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ଖୋଦ ଶକ୍ତିମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ବିଦ୍ୟୁତ ବିଭାଗର ଦାଦାଗିରି ଦେଖିବାକୁ ମିଳିଛି । ସମ୍ପ୍ରତି ଜିଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ୪୧ ଡିଗ୍ରୀ ଖରାରେ ଲୋକେ ତ୍ରାହି ତ୍ରାହି ଡାକୁଥିବା ବେଳେ ବିଦ୍ୟୁତ ବିଭାଗର ମନମାନି ଯୋଗୁଁ ଲୋକେ ଅତିଷ୍ଠ ହେଉଛନ୍ତି । ଖରା ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଲୋକେ କୁଲର, ଫ୍ୟାନ ପାଖକୁ ଯିବାବେଳେ ବିଦ୍ୟୁତ କାଟ ଯୋଗୁଁ ତାହା ମଧ ଅଚଳ ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ଲୋକଙ୍କୁ କିଛି ନ ଜଣାଇ ବିଦ୍ୟୁତ କାଟ କରିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ଗୋଲାମୁଣ୍ଡା ବିଦ୍ୟୁତ ବିଭାଗ ବିନା ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ପ୍ରସାର ନକରି ଆଜି ସକାଳ ୮ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ କରିଥିବା ଜଣାପଡ଼ିଛି । ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୁଦ୍ରତାପରେ ଲୋକେ ଆଉଟୁ ପାଉଟୁ ହେଉଥିବା ବେଳେ ନଦୀ ନାଳ ପୋଖରୀ ସବୁ ସୁଖିଯାଇଛି। ଲୋକେ ଗାଧୋଇବା ପାଇଁ ତ ଦୂର କଥା ପିଇବାକୁ ପାଣି ଟୋପାଏ ମିଳିପାରୁନାହିଁ । ଏହି ପରିସ୍ଥିତିରେ ଜନସାଧରଙ୍କୁ ନ ଜଣାଇ ଆଜି ବିଦ୍ୟୁତ ବିଭାଗ ତରଫରୁ ବିଦ୍ୟୁତ କାଟ କରାଯାଇଥିବାରୁ ଗାଧୋଇବା ପାଇଁ ଓ ପିଇବା ପାଣି ନେଇ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହେଉଛି । ଲୋକଙ୍କୁ ସଚେତନ ନ କରାଇ ବିଦ୍ୟୁତ କାଟ କରାଯିବାକୁ ନେଇ ଜନ ସାଧାରଣଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ନଦୀ ନାଳ ପୋଖରୀ ସୁଖିଯିବା ଫଳରେ ଲୋକେ ମୋଟର ସାହାଯ୍ୟରେ ପାଣି ଉଠାଣ କରି ଗାଧୋଇବା ଓ ପିଇବା ପାଣି ବ୍ୟବହାର କରନ୍ତି । ଆଜି ହଠାତ ବିଦ୍ୟୁତ କାଟ କରିଥିବାରୁ ଗୋଲାମୁଣ୍ଡା ବ୍ଲକ ବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତୁରନ୍ତ ବିଦ୍ୟୁତ ବିଭାଗ ସଚେତନ ହେବା ସହିତ ଲୋକଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଦାବୀ ହେଉଛି । ନଚେତ ଆଗାମୀ ଦିନରେ ଆନ୍ଦୋଳନ ଦାନା ବାନ୍ଧିବ ବୋଲି ବୁଦ୍ଧିଜୀବୀ ମାନେ ଚେତାବନୀ ଦେଇଛି । ସେହିପରି ବୋରଡ଼ା ସେକ୍ସନରେ ମଧ ତଦ୍ରୁପ କାର୍ଯ୍ୟ ଚାଲିଥିବା ନେଇ ଅଭିଯୋଗ ହେଉଛି।

# ମାନିନୀ ସାହୁ ଭୁବନ ଏନଏସି ଉପାଧକ୍ଷା ନିର୍ବାଚିତ

ଭୁବନ,୦୮/୦୪ (ନି.ପ୍ର): ସବୁ କଳ୍ପନା ଜଳ୍ପନା ଓ ପ୍ରତୀକ୍ଷାର ଅନ୍ତ ଘଟାଇ ଭୁବନ ଏନଏସି ଅନ୍ତର୍ଗତ ୩ ନମ୍ବର ୱାର୍ଡର କାଉନସିଲର ମାନିନୀ ସାହୁ ଉପାଧକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି । ଶ୍ରୀମତୀ ମାନିନୀ ସାହୁ ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୮ ନମ୍ବର ୱାର୍ଡର କାଉନସିଲର ସସ୍ମିତା ନାୟକ ବିଜେପି ଦଳରୁ ଉପାଧକ୍ଷା ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ । ଉଭୟ ଦଳର ସମସ୍ତ (୧୫ ଜଣ) କାଉନସିଲର ଉପସ୍ଥିତ ରହି ଭୋଟ ଦେଇଥିଲେ । ମାନିନୀଙ୍କୁ ୮ଖଣ୍ଡ ଭୋଟ ମିଳିଥିବା ବେଳେ ସସ୍ମିତାଙ୍କୁ ୭ ଖଣ୍ଡ ଭୋଟ ମିଳିଥିଲା । ବିଜେଡି ପ୍ରାର୍ଥୀନୀ ମାନିନୀ ୧ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହେଲେ ବୋଲି ନିର୍ବାଚନ ଅଧିକାରୀ ଡଃ. ରୋଜାଲିନ ବେହେରା ଘୋଷଣା କରିଥିଲେ। ବିଜୟ ଘୋଷଣା ପରେ ନଗରପାଳ ଶୁଭେନ୍ଦୁ ସାହୁଙ୍କ ସମେତ ଦଳୀୟ କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ନବ ନିର୍ବାଚିତା ଉପାଧକ୍ଷା ଶ୍ରୀମତୀ ମାନିନୀ ସାହୁ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ଲୋକମାନେ ଯେଉଁ ଆଶା ଭରସା ଓ ବିଶ୍ୱାସ ରଖି ଆମମାନଙ୍କୁ ନିର୍ବାଚିତ କରିଛନ୍ତି ଓ ଗୁରୁ ଦାୟିତ୍ୱ ଦେଇଛନ୍ତି, ଆମ୍ଭେମାନେ ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହିତ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେବାକୁ ସେ ସମସ୍ତ କାଉନସିଲର ମାନଙ୍କୁ ଆହ୍ୱାନ ଦେଇଥିଲେ ।

# କଳାହାଣ୍ଡିରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ଭବାନୀପାଟଣା,୦୮/୦୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଆଜି ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ୍ ଆସୋସିଏସନ୍ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅଙ୍ଗନୱାଡି କର୍ମଚାରୀ ମାନଙ୍କ ସମସ୍ୟା ସମ୍ବଳିତ ଦାବୀପତ୍ର ପ୍ରଦାନ କରାଯାଇଛି । ଏହି ଦାବୀ ଗୁଡିକ ମଧରେ ଅଙ୍ଗନୱାଡି କ୍ଷେତ୍ରରେ ସ୍କିମ ପ୍ରଥାକୁ ଉଚ୍ଛେଦ କରି ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବା ସହିତ ଚାକିରି ସର୍ତାବଳୀକୁ ଲାଗୁ କରାଯାଉ । ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ ମାସିକ ପାରିଶ୍ରମିକ ଅଙ୍ଗନୱାଡି କର୍ମୀ ମାନଙ୍କୁ ୨୧,୦୦୦ ଓ ସହାୟିକା ମାନଙ୍କୁ ୧୫,୦୦୦ ଟଙ୍କା ପ୍ରଦାନ କରାଯାଉ । ୨୦୧୯ ମାର୍ଚ୍ଚ ମାସରେ ସରକାରଙ୍କ ଦ୍ୱାରା ଘୋଷିତ ଅବସରକାଳୀନ ସହାୟତା ରାଶି ଏବଂ ଗ୍ରୀଷ୍ମ ଅବକାଶ ଲାଗୁ କରାଯାଉ । କିନ୍ତୁ, ଆଜିର ସମୟ ହିସାବରେ ଅବସରକାଳୀନ ସହାୟତା ରାଶିକୁ ବୃଦ୍ଧି କରି ୫ ଲକ୍ଷ ଟଙ୍କା ପ୍ରଦାନ କରିବା ସହିତ ମସିକ ୫,୦୦୦ ଟଙ୍କା ଅବସରକାଳୀନ ପେନସନ ପ୍ରଦାନ କରାଯାଉ । ମିନି ଅଙ୍ଗନୱାଡି କର୍ମୀ ମାନଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା ସହିତ ସହାୟିକା ନିଯୁକ୍ତି ଦିଆଯାଉ । ଆନ୍ଦୋଳନ ସମୟରେ କାର୍ଯ୍ୟରୁ ବହିଷ୍କୃତ ୭ ଜଣ ଅଙ୍ଗନୱାଡିକର୍ମୀଙ୍କୁ ପୁନଃ ନିଯୁକ୍ତି ଦିଆଯାଉ । ରାଷ୍ଟ୍ରୀୟ ନୀତି ୨୦୨୦ ଅନୁଯାଇ ରାଜ୍ୟର ସବୁ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ସହିତ ଅଙ୍ଗନୱାଡିକର୍ମୀ ମାନଙ୍କୁ ତାଲିମ ଦେଇ ଦକ୍ଷତା ବିକାଶ କରି ପ୍ରି-ପ୍ରାଇମେରୀ ଟୀଚର ଓ ସହାୟିକା ମାନଙ୍କୁ ଆସିଷ୍ଟାନ୍ଟ ପ୍ରି-ପ୍ରାଇମେରୀ ଟୀଚରର ମାନ୍ୟତା ଦିଆଯାଉ । କାର୍ଯ୍ୟରତ ସମୟରେ ଅଙ୍ଗନୱାଡିକର୍ମୀ, ମିନି ଅଙ୍ଗନୱାଡିକର୍ମୀ ଓ ସହାୟିକା ମୃତ୍ୟୁବରଣ କଲେ ମୃତ୍ୟୁକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ଅଙ୍ଗନୱାଡି କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଉ। ଅଙ୍ଗନୱାଡିକର୍ମୀ ସହିତ ମିନି ଅଙ୍ଗନୱାଡିକର୍ମୀ ମାନଙ୍କୁ ଶତ ପ୍ରତିଶତ ସୁପରଭାଇଜର ଭାବରେ ପଦୋନ୍ନତି ଦେବା ସହିତ ବାହାରୁ ନନେଇ ବରିଷ୍ଠତା ଭିତିରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଅଙ୍ଗନୱାଡିକର୍ମୀ ମାନଙ୍କୁ ସୁପରଭାଇଜର ଭାବେ ନିଯୁକ୍ତି ଦିଆଯାଉ । ଅଙ୍ଗନୱାଡିକର୍ମୀ ମାନଙ୍କୁ ବରିଷ୍ଠତା ଭିତିରେ ଦରମା ବୃଦ୍ଧି ସହିତ ବାର୍ଷିକ ଇନକ୍ରିମେଟ ପ୍ରଦାନ କରାଯାଉ, କରୋନାରେ ମୃତ୍ୟୁ ବରଣ କରିଥିବା କର୍ମୀ ଓ ସହାୟିକା ମାନଙ୍କୁ କେନ୍ଦ୍ର ସରକାର ଘୋଷିତ ୫୦ ଲକ୍ଷ ଟଙ୍କାର ବୀମା ଓ ୨୪ ମଇ ୨୦୨୧ ରାଜ୍ୟ ସରକାର ଘୋଷିତ ୬୦ ବର୍ଷ ହେବା ପର୍ଯ୍ୟନ୍ତ ମାସିକ ୭୫୦୦ ଟଙ୍କା ଓ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯାଉ । ରବିବାର ବା ଛୁଟିଦିନ କାର୍ଯ୍ୟକଲେ ୨ ଗୁଣ ଦରମା ସହିତ ସବୁ କାର୍ଯ୍ୟ ପାଇଁ ଚିଠି ଓ ସଠିକ ପାରିଶ୍ରମିକ ପ୍ରଦାନ କରାଯାଉ ଏବଂ ବନ୍ଦ ହୋଇଥିବା ପ୍ରକଳ୍ପ ସ୍ତରୀୟ ବୈଠକକୁ ପୁର୍ନବାର ପ୍ରଚଳନ କରାଯାଉ । ପୋଷଣ କାର୍ଯ୍ୟ ଓ ସମସ୍ତ ଅନଲାଇନ କାର୍ଯ୍ୟ ସଠିକ ତଥା ଠିକ ଭାବରେ କରିବା ପାଇଁ ଉନ୍ନତ ମାନର ମୋବାଇଲ ବା ଟ୍ୟାବ୍ ପ୍ରଦାନ କରାଯାଉ । ଗାଁ କଲ୍ୟାଣ ସମିତିରୁ ଅଙ୍ଗନଡିଙ୍କୁ ବାଦ ଦିଆଯିବା ସହିତ ବଜାର ଦରକୁ ଆଖି ଆଗରେ ରଖି ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି କରାଯାଉ । ସୋପାନ କାର୍ଯ୍ୟକ୍ରମର ଉପଯୁକ୍ତ ପ୍ରାପ୍ୟ ନଦେବା ପର୍ଯ୍ୟନ୍ତ ସେଥିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ୍ ଦିଆଯାଉ ବୋଲି ଦାବି କରିଛନ୍ତି।

# ୧୫ କ୍ୱିଂଟାଲ ଗଞ୍ଜେଇ ଜବତ: ୨ ଗିରଫ

ମାଲକାନଗିରି,୦୮/୦୪ (ନି.ପ୍ର): ବଡ଼ ଧରଣର ଗଞ୍ଜେଇ ଚାଲାଣ ରୋକିବାରେ ମାଲକାନଗିରି ଜିଲ୍ଲା କାଲିମେଲା ପୁଲିସକୁ ମିଳିଛି ସଫଳତା । ଏକ ତେନ୍ତୁଳି ବୋଝେଇ ଟ୍ରକରୁ ଜବତ ହୋଇଛି ୬୩ ବସ୍ତା ଗଞ୍ଜେଇ । ଯାହାର ଓଜନ ୧୫ କ୍ୱିଂଟାଲ ୩୧ କେଜି ୧୦୦ ଗ୍ରାମ ବୋଲି ଜଣାପଡ଼ିଛି । ଏହି କାରବାରରେ ପୁଲିସ୍ ୨ ଜଣଙ୍କୁ ଗିରଫ କରି ପଚରାଉଚରା କରୁଛି । ସେମାନେ ହେଲେ ରାଜସ୍ଥାନ ଅଂଚଳର କହ୍ନାରାମ ଚୌଧୁରୀ ଏବଂ ଏମ୍ଭି - ୭୦ ଗାଁର ପ୍ରଥମ ପାତ୍ର । ସ୍ଥାନୀୟ ତେଲରାଇ ଗାଁ ନିକଟରୁ ଏହି ଗଞ୍ଜେଇ ବୋଝେଇ ଟ୍ରକ୍କୁ ଜବତ କରାଯାଇଛି । ୧୪ ଚକିଆ ଏହି ଟ୍ରକ୍ର ନମ୍ବର ହେଉଛି ଆର୍ଜେ - ୦୭ଜିଏ - ୪୯୧୮ । ଟ୍ରକ୍ ଡାଲାର ଚାରିପାଖରେ ତେନ୍ତୁଳି ରଖାଯାଇଥିବା ବେଳେ ମଝିରେ ରହିଥିଲା ଗଞ୍ଜେଇ । ଟ୍ରକ୍ଟି ତେଲରାଇ ଗାଁ ନିକଟରୁ ୩୨୬ ନମ୍ବର ଜାତୀୟ ରାଜପଥରେ ପହଂଚିବା ପରେ ରାଜସ୍ଥାନ ଚାଲାଣ ହୋଇଥାନ୍ତା । କୌଣସି ସୂତ୍ରରୁ ଖବରପାଇ ପୁଲିସ୍ ଏହାକୁ ତେଲରାଇ ଗାଁ ପାଖରୁ ଧରିବାରେ ସଫଳ ହୋଇଥିଲା । ପୁଲିସର ସୂଚନା ଅନୁଯାୟୀ , କିଛି ଦିନ ତଳେ ଏହି ଟ୍ରକ୍ରେ ଟାଇଲ୍ସ ଆସି କାଲିମେଲା ଠାରେ ଅନ୍ଲୋଡ୍ କରାଯାଇଥିଲା । ଫେରିବା ସମୟରେ ଟ୍ରକ୍ରେ ତେନ୍ତୁଳି ଓ ଗଞ୍ଜେଇ ରଖାଯାଇ ଅଭିନବ ଉପାୟରେ ଚାଲାଣ କରାଯାଉଥିଲା । ଗଞ୍ଜେଇ ବୋଝେଇ ଟ୍ରକକୁ ଥାନା ପରିସରରେ ରଖାଯାଇଛି । ଏସ୍ଡିପିଓ ଶୁଭେନ୍ଦୁ କୁମାର ପାତ୍ର ଥାନାରେ ପହଂଚି ଅଧିକ ତଦନ୍ତ କରୁଛନ୍ତି ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ପୁରୀ,୦୮/୦୪ (ନି.ପ୍ର): ଜିଲ୍ଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ପାଳିତ ହୋଇଯାଇଛି । ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ସୁଜାତା ମିଶ୍ର ସଭାପତିତ୍ୱ କରିଥିଲେ । ଆମ ପୃଥିବୀ ଆମ ସ୍ୱାସ୍ଥ୍ୟ -ଆମ ଜଳ ପବନ ଓ ଖାଦ୍ୟକୁ ସୁସ୍ଥ ରଖିବା ସଂପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ବାହାର ଖାଦ୍ୟ ଖାଇ ଅନେକ ବ୍ୟକ୍ତି ରୋଗାକ୍ରାନ୍ତ ହେଉଛନ୍ତି । ନକଲି ଖାଦ୍ୟପ୍ରତି ଗ୍ରାହକ ସଚେତନ ହୁଅନ୍ତୁ । ନିୟନ୍ତ୍ରିତ ଜୀବନଶୈଳୀ ସନ୍ତୁଳିତ ଖାଦ୍ୟ ଯୋଗ ବ୍ୟାୟାମ ଦ୍ୱାରା ମଣିଷ ସୁସ୍ଥ ରହିପାରିବ । ଏଥିରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ବିରଜା ଶଙ୍କର ରଥ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼ାକ୍ତର ଦେବୀପ୍ରସାଦ ମହାପାତ୍ର, ଡ଼ାକ୍ତର ନିମାଇଁ ଚରଣ ଜେନା, ଡ଼ାକ୍ତର ଲଲାଟେନ୍ଦୁ ମିଶ୍ର, ଆଶା ସଂଯୋଜକ ଅଶୋକ କୁମାର ସାହୁ, ଡ଼ିଏମଆରସିଏଚ ପ୍ରଶାନ୍ତ ବରାଳ, ଖାଦ୍ୟ ସୁରକ୍ଷା ଅଧିକାରୀ ଡ଼ଃ ରାଜଶ୍ରୀ ପତି, ସୁଶାନ୍ତ ବିଶ୍ୱାଳ ଓ ନର୍ସିଂ ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ବଲାଙ୍ଗୀର ମ୍ୟୁନିସିପାଲଟିର ଉପାଧକ୍ଷା ହେଲେ ଗାୟତ୍ରୀ ଭୋଇ

ବଲାଙ୍ଗୀର,୦୮/୦୪ (ନି.ପ୍ର): ବଲାଙ୍ଗିର ପୌର ପରିଷଦର ଉପାଧକ୍ଷା ହେଲେ ଗାୟତ୍ରୀ ଭୋଇ । ୱାର୍ଡ ନଂ.୨୦ର କାଉନ୍ସିଲର୍ ଗାୟିତ୍ରୀ ଭୋଇ ସ୍ଥାନୀୟ ଶୈଳଶ୍ରୀ ପେଲେସରୁ ବାହାରି ବଲାଙ୍ଗିର ପୌର ପରିଷଦରେ ଉପାଧକ୍ଷା ଭାବେ ଏକାକୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସେ ଉପାଧକ୍ଷା ଭାବେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଉପାଧକ୍ଷା ନିର୍ବାଚନ ପ୍ରକିୟାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଏବଂ ପୌର ପରିଷଦ ଅଧକ୍ଷ ବିପିନ ବିହାରୀ ଦୀପ ଦାୟିତ୍ୱ ତୁଳାଇଥିଲେ । ଏହି ଅବସରରେ ବିଜେଡ଼ିର ସମସ୍ତ ୧୬ ଜଣ କାଉନ୍ସିଲର୍ ସେଠାରେ ଉପସ୍ଥିତ ଥିଲେ ।

# ଜାଲ ମାଟ୍ରିକ ସାଟିଫିକେଟ ଦେଇ ପଦୋନ୍ନତି: ସୁପରଭାଇଜରଙ୍କୁ ୨ ବର୍ଷ ଜେଲ

ଜୟପୁର ,୦୮/୦୪ (ନି.ପ୍ର): କୋରାପୁଟ ଜିଲାର ଲମତାପୁଟ ବ୍ଲକର ଆଇସିଡିଏସ ସୁପରଭାଇଜର ସୁନ୍ଦରି କନ୍ଦପାନ କୁ ଦଣ୍ଡିତ କରିଛନ୍ତି । ଜୟପୁର ସ୍ଥିତ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ ରାଜେସ ଏକ୍କା ରାୟ ର ଶୁଣାଣି କରିଛନ୍ତି । ତାଙ୍କ ରାୟରେ ସୁନ୍ଦରି କନ୍ଦପାନ କୁ ୨ଟି ଦଫାରେ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଆର୍ଥକ ଜୋରିମାନା ରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦୟ ହେଲେ ଅଧିକା ୧୨ମାସ ଜେଲ ଦଣ୍ଡ ଭୋଗିବାକୁ ତାଙ୍କ ରାୟ ରେ ଶୁଣାଣି କରିଛନ୍ତି । ମାମଲା ବିବରଣିରୁ ପ୍ରକାଶ ଯେ ସୁନ୍ଦିର କନ୍ଦପାନ ଅଙ୍ଗନବାଦୀ ଭାବେ କାଯ୍ୟ କରୁଥିବା ବେଳେ ପଦୋନ୍ନତି ପାଇବା ସମୟରେ ଜାଲ ମେଟ୍ରିକ ସାର୍ଟିଫିକେଟ ଦେଇଥିଲେ ଓ ପଦୋନ୍ନତି ପାଇଥିଲେ । ଏନେଇ ଡିଏସଡବ୍ଲୁଓ ବାସନ୍ତି ହେମ୍ରମ ଏହି ସୁପର ଭାଇଜରକୁ ଅନୁକମ୍ପା ଦେଖାଉଥିବା ନେଇ ମଧ ଅଭିଯୋଗ ହୋଇଥିଲା । ଅଭିଯୋଗ ହେବା ପରେ ଭିଜିଲାନ୍ସ ତରଫରୁ ମାମଲା ରୁଜୁ କରାଯାଇଥିଲା । ଏହି ମାମଲାର ଶୁଣାଣ ଆଜି ହୋଇଛି । କୋର୍ଟ ସୁପରଭାଇଜରକୁ ଦଣ୍ଡିତ କରିଥିବା ବେଳେ ଡିଏସଡବ୍ଲୁଓ କୁ ଖଲାସ କରିଛନ୍ତି । ଏହି ମାମଲା କୁ ପବ୍ଲିକ ପ୍ରସିକ୍ୟୁଟର ଏମ ବାଲାଜି ରାଓ ପରିଚାଳନା କରିଥିଲେ ।

# ଶ୍ରୀମନ୍ଦିରରେ ସୁରକ୍ଷା ବଢିଲା: ଜେଟିପି ସହ ମୁତୟନ ହେବେ ପୋଲିସ୍

ପୁରୀ,୦୮/୦୪ (ନି.ପ୍ର): ପୁରୀ ଶ୍ରୀମନ୍ଦିର ରୋଷଘରେ ଚୁଲି ଭଙ୍ଗା ଘଟଣା ପରେ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି । ଆଜି ରାତିରୁ ଶ୍ରୀମନ୍ଦିରରେ ଜେଟିପି ସହ ପୋଲିସ୍ ମଧ୍ୟ ମୁତୟନ ରହିବେ । ଶ୍ରୀମନ୍ଦିର ସୁରକ୍ଷା ନେଇ ଗୁରୁବାର ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତି ନିଆଯାଇଛି। ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଏନେଇ ସୂଚନା ଦେଇ କହିଛନ୍ତି, ଶ୍ରୀମନ୍ଦିର ପହଡ଼ ପଡ଼ିବା ପରେ କେହି ଏହା ପରିସରରେ ରହିଯାଇଥିଲେ, ତାଙ୍କୁ ବାହାର କରିବା କାର୍ଯ୍ୟ ଜେଟିପି ମାନେ କରୁଥିଲେ। କିନ୍ତୁ ଜେଟିପି ଷ୍ଟାଫ୍ କମ୍ ଥିବାରୁ ଆଜି ଠାରୁ ସେମାନଙ୍କ ସହିତ ପୁଲିସ୍ କର୍ମଚାରୀ ମିଶି ଶୋଧ କାର୍ଯ୍ୟ କରିବେ। ଯେତେ ଜଣ ଜେଟିପି ରହିବେ ସେତେ ଜଣ ପୁଲିସ୍ କର୍ମଚାରୀ ବି ରହିବେ। ଜଣେ ପୁଲିସ୍ ଅଫିସର ସେମାନଙ୍କ କାର୍ଯ୍ୟ ତଦାରଖ କରିବେ। ଶୋଧ କାର୍ଯ୍ୟ ଠିକ୍ ଭାବେ କରାଯାଉଥିବା ନେଇ ପୁଲିସ୍ ଅଫିସର ଜଣଙ୍କ ସୁନିଶ୍ଚିତ କରିବେ।

ସେ ଆହୁରି କହିଛନ୍ତି, ପ୍ରାଥମିକ ସର୍ଭେ ପରେ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ୧୩୫ଟି ସିସିଟିଭି ଲଗାଇବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ସିସିଟିଭି ଓ୍ୟାରଲେସ୍ ହେବ। ରୋଷଘର ଗେଟ୍ ରେ ୪ଟି ସ୍ଥାନ ଚିହ୍ନଟ କରାଯାଇଛି, ଯେଉଁଠି ସିସିଟିଭି ଲଗାଯିବା ପାଇଁ ନିଷ୍ପତି ନିଆଯାଇଛି। ରୋଷଘରେ ସେଦିନ ଡ୍ୟୁଟିରେ ଥିବା ଜେଟିପିଙ୍କୁ ଶୋ-କଜ୍ ନୋଟିସ କରାଯାଇଥିଲା। ସେମାନେ ଶୋ-କଜ୍ ର ଜବାବ ଦେଇଛନ୍ତି। ଜବାବ ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଦୁର୍ଗା ପ୍ରସାଦ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଗୁପ୍ତ ନୀତିକାନ୍ତି ହେଉଥିବା ସ୍ଥାନକୁ ଛାଡ଼ି ମନ୍ଦିରର ଅନ୍ୟ ସବୁ ସ୍ଥାନରେ ୧୩୫ଟି ସିସିଟିଭି ଲଗାଇବାକୁ ନିଷ୍ପତି ହୋଇଛି। ଯଦିଓ ଅତୀତରେ ବି ଶ୍ରୀମନ୍ଦିର ସିସିଟିଭି ସର୍ଭେଲାନ୍ସରେ ରହିଥିଲା, ତେବେ ନିୟମିତ ବ୍ୟବଧାନରେ ତା'ର ଯାଞ୍ଚ ହେଉ ନଥିଲା। କିନ୍ତୁ ଏବେ ପୂରା ୨୪ ଘଂଟା ମନିଟର କରାଯିବ। ଏଥିପାଇଁ ଏକ କଂଟ୍ରୋଲ୍ ରୁମ୍ ରହିବ। ମନ୍ଦିର ସୁରକ୍ଷା ପ୍ରଶାସକ ଏହା ଦାୟିତ୍ୱରେ ରହିବେ। ଆଉ ସବୁ ଫିଡ୍ ରାଜ୍ୟ ପୁଲିସ୍ କୁ ଦିଆଯିବ।

# ସୁନ୍ଦରଗଡ଼ ଜିଲ୍ଲାରେ ରାସ୍ତା ସଂଯୋଗୀକରଣ ପ୍ରକଳ୍ପ

## ଖଣିପ୍ରଭାବିତ ଲହୁଣୀପଡ଼ା ଓ କୋଇଡ଼ା ବ୍ଲକରେ ନିର୍ମିତ ୧୬ଟି ରାସ୍ତାର ଲୋକାର୍ପଣ

ସୁନ୍ଦରଗଡ଼/ଲହୁଣୀପଡ଼ା,୦୮/୦୪ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଖଣି ପ୍ରଭାବିତ ଅଞ୍ଚଳକୁ ରାସ୍ତା ସଂଯୋଗୀକରଣ କାର୍ଯ୍ୟକ୍ରମ ମାଧମରେ ସୁଗମ କରାଯାଉଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆକରି ନିର୍ମାଣ କରାଯାଇଥିବା ୧୬ଟି ରାସ୍ତାର ଲୋକାର୍ପଣ କରାଯାଇଛି।

ଗୁରୁବାର ଦିନ ଲହୁଣୀପଡ଼ା ବ୍ଲକର ପ୍ରତାପପୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ଉପସ୍ଥିତିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ରାସ୍ତାଗୁଡ଼ିକର ଉଦଘାଟନ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅଗ୍ରାଧିକାର ଭିତ୍ତିରେ ସଡ଼କ ସଂଯୋଗୀକରଣ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯିବା ଫଳରେ ଲୋକଙ୍କ ଜୀବନ ଜୀବିକାରେ ବିଶେଷ ଉନ୍ନତି ଆସିପାରୁଛି।

ଏହି ୧୬ଟି ରାସ୍ତା ଭିତରୁ ଲହୁଣୀପଡ଼ା ବ୍ଲକର ୧୨ଟି ରହିଥିବା ବେଳେ ୪ଟି କୋଇଡ଼ା ବ୍ଲକରେ ରହିଛି। ଏହି ରାସ୍ତା ନିର୍ମାଣ ହେବା ଫଳରେ ଲହୁଣୀପଡ଼ା ଏବଂ କୋଇଡ଼ା ବ୍ଲକର ୨୮ଟି ଗାଁର ୧୨ ହଜାରରୁ ଅଧିକ ଲୋକ ଉପକୃତ ହେବେ। ଏହି ୧୬ଟି ରାସ୍ତାର ଦୈର୍ଘ୍ୟ ୨୪ କିଲୋମିଟରରୁ ଅଧିକ। ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାୟତାରେ ଏହି ରାସ୍ତାଗୁଡ଼ିକର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା।

ଲହୁଣୀପଡ଼ା ବ୍ଲକର ସାଧୁବାହାଲରୁ ଦିଗି, କର୍ଡାହୁଡ଼ିରୁ ପ୍ରତାପପୁର (ଭାୟା: ରେଙ୍ଗାଲବେଡ଼ା), ଠିଆବେର୍ନାରୁ କୁଡ଼ାପଡ଼ା, ସେଲ୍ ରୋଡରୁ ଦେଓଦେବପୁର (ଭାୟା: ଘାଟିତଳ), ଶଶରୁ ରୁଗୁଡ଼ି, ତଳବାହାଲିରୁ ଭୂୟାଁସାହି, ରଙ୍ଗମାଟିଆରୁ ରଙ୍ଗମାଟିଆ, ସାନନୂଆଗାଁରୁ ଗିରିଜାଟୋଲା, ସାନନୂଆଗାଁରୁ ଭୂୟାଁସାହି, ସନଜଳରୁ ତାଲଡିହି, ବୁଢ଼ାଭୂଇଁରୁ ବୁଢ଼ାଭୂଇଁ, ଲାଡ଼ାପାଣିରୁ ଲାଡ଼ାପାଣି ରାସ୍ତା ନିର୍ମାଣ କରାଯାଇଛି। ସେହିପରି କୋଇଡ଼ା ବ୍ଲକରେ ୨୧୫ ନମ୍ବର ଜାତୀୟ ରାଜପଥରୁ ଟୁକୁଟୋଲା, ୨୧୫ ନମ୍ବର ଜାତୀୟ ରାଜପଥରୁ ରେଙ୍ଗାଲବେଡ଼ା ବସ୍ତି, ସୋୟାମ୍ବାରୁ ଚାରଡ଼ିପା, ବଡ଼ବାଲିଯୋରରୁ ସ୍କୁଲ ସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମ ବେଳେ ବଣାଇଁ ଉପଜିଲ୍ଲାପାଳ ପ୍ରଦୀପ ଡାଙ୍ଗ, ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଲଲାଟ କୁମାର ଲୁହା, ଲହୁଣୀପଡ଼ା ବିଡିଓ ଧନାଇ ଚରଣ ଟୁଡୁଙ୍କ ସହିତ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାସ୍ତା ସଂଯୋଗୀକରଣ ହେଉଛି ରାଜ୍ୟ ସରକାରଙ୍କର ଏକ ପ୍ରମୁଖ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ। ତେଣୁ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳ, ବିଶେଷକରି ଖଣି ପ୍ରଭାବିତ ଓ ଗ୍ରାମାଞ୍ଚଳକୁ ମୁଖ୍ୟ ବଜାର ବା ସହରାଞ୍ଚଳ ସହ ଯୋଡ଼ି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବନ ଜୀବିକା କ୍ଷେତ୍ରରେ ଲୋକଙ୍କ ପାଇଁ ଗମନାଗମନକୁ ସୁଗମ କରିବା ଉପରେ ପ୍ରାଥମିକତା ଦିଆଯାଉଛି। ରାସ୍ତା ନିର୍ମାଣ ଓ ଉନ୍ନତିକରଣ କରାଯିବା ସହିତ ଆବଶ୍ୟକ ସ୍ଥାନରେ ନୂଆ ରାସ୍ତା ଏବଂ ସେତୁ ନିର୍ମାଣ କରି ଗମନାଗମନକୁ ଉନ୍ନତ ଓ ସୁଗମ କରାଯାଉଛି।

# ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ଚାକଚକ୍ୟରେ ପ୍ରଥମ: ଲୋକଙ୍କୁ ସେବା ଯୋଗାଇବାରେ ବିଫଳ

ମାଲକାନଗିରି,୦୮/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାନ୍ୟତାରେ ପ୍ରଥମ ହୋଇଥିବା ବେଳେ ସେବା ଯୋଗାଇବାରେ ଶୂନ । ଅଧାରୁ ଅଧିକ ପଦ ଖାଲି ପଡିଛି । ୨୦୧୮ ମସିହା ଜୁଲାଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରାୟ ୧୪୦ କୋଟି ଟଙ୍କା ବ୍ୟୟରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ଲୋକାର୍ପଣ ହୋଇଥିଲା । ଜିଲାବାସୀ ଭାବିଥିଲେ ସ୍ୱାସ୍ଥ୍ୟ ସେବାରେ ମାଲକାନଗିରି ଜିଲା ଏକ ଇତିହାସ ରଚିବ । ରୋଗୀଙ୍କୁ ଆଉ ଯିବାକୁ ପଡିବ ନାହିଁ ବାହାର ଜିଲା ଓ ରାଜ୍ୟକୁ । ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଏଠାରେ ମିଳିପାରିବ ବୋଲି ଆଶା କରାଯାଉଥିଲା । ଇତି ମଧରେ ଚାରି ବର୍ଷ ବିତିଗଲାଣି । ଭିତିଭୂମି ପ୍ରତିଷ୍ଠା ହୋଇଛି ସତ । ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର । ଚକାଚକ୍ ସେବା ଯୋଜନାରେ ମାସକୁ ଥରେ ଦୁଇ ଥର ଭୁବନେଶ୍ୱରରୁ କିଛି ବିଶେଷଜ୍ଞ ଆସୁଥିବା ବେଳେ ଏଠାରେ ସେଭଳି କିଛି ଚିକିତ୍ସାଳୟ ମାନ୍ୟତାରେ ପ୍ରଥମ, ସେବା ଯୋଗାଇବାରେ ଶୂନ, ଅଧାରୁ ଅଧିକ ପଦ ଖାଲି, ଭିତିଭୂମି ସହ ପ୍ରସ୍ତୁତ ହୋଇ ରହିଛି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ। ରାଜ୍ୟ ସରକାରଙ୍କ କାୟାକଳ୍ପ ଦ୍ୱାରା ଦୁଇ ଦୁଇ ଥର ଓଡ଼ିଶାର ଏକ ନମ୍ବର ମାନ୍ୟତା ମିଳିଛି । ଲକ୍ଷାଧିକ ଟଙ୍କା ପୁରସ୍କାର ଦେଇଛନ୍ତି ଏହି ମୁଖ୍ୟ ଚିକିତ୍ସାଳୟକୁ ଏହି ପୁରସ୍କାର ରୋଗୀ ସେବା ପାଇଁ ନୁହେଁ କେବଳ ଭିତ୍ତିଭୂମି ପାଇଁ । ଏତେ ବଡ ଡାକ୍ତରଖାନା ନିର୍ମାଣ ହୋଇଛି । ଭେଷଜ ବିଶେଷଜ୍ଞ ଦୁଇଟି ପଦ ଖାଲି ରହିଛି । ନାଶା ଓ କଣ୍ଠ ବିଶେଷଜ୍ଞ ଦୁଇଟି ପଦ, ଶିଶୁ ବିଶେଷଜ୍ଞ ୩ ପଦ , ଗୋଟିଏ ଦନ୍ତ ବିଶେଷଜ୍ଞ, ଗୋଟିଏ ଚକ୍ଷୁ ବିଶେଷଜ୍ଞ, ଶୈଲ୍ୟ ବିଶେଷଜ୍ଞରେ ଗୋଟିଏ ପଦ, ଅସ୍ଥି ଶୈଲ୍ୟରେ ଦୁଇଟି ପଦ, ରେଡିଓଲୋଜିର ଦୁଇଟି ପଦ ଖାଲି ପଡିଛି । ୧୫ ଜଣ ସାଧାରଣ ଡାକ୍ତରଙ୍କ ପଦବି ମଧ ଖାଲି ପଡିଛି । ୫୦ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ଅନ୍ୟାନ୍ୟ ପଦ ଖାଲି ପଡିଛି । ପୁରୁଣା ଚିକିତ୍ସାଳୟରେ ଯେଉଁ ଡାକ୍ତର ରହିଥିଲେ ପୁନର୍ବାର ସେମାନଙ୍କୁ ଏଠାରେ ଅବସ୍ଥାପିତ କରାଯାଇଛି । ନୂତନ ଡାକ୍ତର ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ହୃଦଘାତ ଓ ଅନ୍ୟ ରୋଗ ପାଇଁ ଏମଆରଆଇ ଓ ସିଟି ସ୍କାନର ଆବଶ୍ୟକତା ଥିବାବେଳେ ମାଲକାନଗିରିରେ ବର୍ତମାନ ସୁଦ୍ଧା ତାହା ହୋଇ ପାରିନାହିଁ । ମୁଖ୍ୟତଃ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ମଧ ଦୁଇଟି ପଦବି ଖାଲି ରହିଛି । ତାହା ମଧ ବର୍ତମାନ ସୁଦ୍ଧା ପୂରଣ ହୋଇ ପାରିନାହିଁ । କିଛି ହାତ ଗଣତି ଡାକ୍ତରଙ୍କ ଦ୍ୱାରା ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ଚାଲିଛି । ଦୁରାରୋଗ୍ୟ ପାଇଁ କୌଣସି ଡାକ୍ତର ନିଯୁକ୍ତି କରି ନାହାନ୍ତି । ବାୟୁ ସ୍ୱାସ୍ଥ୍ୟ ଅତ୍ୟାଧୁନିକ ଯନ୍ତ୍ରପାତି ନ ଥିବାରୁ କେବଳ ନାମକୁ ମାତ୍ର ଏହି ବିଶେଷଜ୍ଞମାନେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି । ଏକ କ୍ୟାଂଟିନ ସେବା ସହ ପାନୀୟ ଜଳର ଘୋର ସମସ୍ୟା ରହିଛି । ଏକ ବିଶ୍ରାମାସ୍ଥଳୀ ଆବଶ୍ୟକ ରହିଛି । ଡାକ୍ତରଖାନାଠାରୁ ବହୁ ଦୂରରେ ଡାକ୍ତରଙ୍କ ନିମନ୍ତେ କ୍ୱାର୍ଟର୍ସ ରହିଥିବାବେଳେ ପରିସର ମଧରେ ନୂତନ କ୍ୱାର୍ଟର୍ସ ନିର୍ମାଣ ପାଇଁ କୁହାଯାଇଥିଲେ ସୁଦ୍ଧା ବର୍ତମାନ ମଧ କର୍ମଚାରୀଙ୍କ ପାଇଁ ବାସଗୃହର ବ୍ୟବସ୍ଥା କରାଯାଇନାହିଁ । ଡାକ୍ତରଖାନା ପରିସରକୁ ସଫା କରାଯାଉନାହିଁ । ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ ପରିଚାଳକଙ୍କୁ ପଚାରିବାରୁ ଖୁବଶୀଘ୍ର ସିଟି ସ୍କାନ୍ ମେସିନ ବସିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । କିଡନୀ ରୋଗୀଙ୍କ ପାଇଁ ଡାଇଏଲେସିସ ବ୍ୟବସ୍ଥା ସହ ବାୟୁ ସ୍ୱାସ୍ଥ୍ୟ ସେବାରେ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା ସେ କହିଛନ୍ତି ।

# ପିତଳ ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଅଚଳାବସ୍ଥା

ଗଞ୍ଜାମ,୦୮/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ସ୍ଥିତ ପିତଳ ଛକରେ ଥିବା ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିବିଆଇ) ଶାଖାରେ ଅଚଳାବସ୍ଥା କହିଲେ ନସରେ । ଏହି ବ୍ୟାଙ୍କରେ ଆବଶ୍ୟକ ମୁତାବକ କର୍ମଚାରୀ ନଥିବାରୁ ଗ୍ରାହକ ମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି। ଏହି ବ୍ୟାଙ୍କ ଉପରେ ୫ଟି ପଚାଂୟତର ୩୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ ନିର୍ଭର କରନ୍ତି । ଗ୍ରାହକ ମାନେ ସେମାନଙ୍କ ଆକାଉଂଟରେ ଥିବା ଜମା ଟଙ୍କା ଉଠାଇବାକୁ ଗଲେ ବ୍ୟାଙ୍କ କର୍ତୃପକ୍ଷ ଟଙ୍କା ଦେଉନାହାଁନ୍ତି । ସପ୍ତାହରେ ଗୋଟିଏ ଦିନ ଟଙ୍କା ଉଠାଇବାକୁ ଗ୍ରାହକ ମାନଙ୍କୁ ସୁଯୋଗ ଦେଉଛନ୍ତି । ଫଳରେ ଗ୍ରାହକ ମାନେ ଆବଶ୍ୟକ ସମୟରେ ସେମାନଙ୍କ ଜମା ଟଙ୍କା ଉଠାଇ ନପାରି ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ସିବିଆଇ ରିଜିଓନାଲ ମ୍ୟାନେଜର ଏ ଦିଗରେ ଦୃଷ୍ଟି ଦେବା ସହ ଏନେଇ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାହକ ଓ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି । ନଚେତ୍ ଅଂଚଳର ଜନସାଧାରଣ ଆଗାମୀ ଦିନରେ ବ୍ୟାଙ୍କ ଘେରାଉ ଓ ଧାରଣା ଦେବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ଜାରକାଠାରେ ଅବସରପ୍ରାପ୍ତ ସୈନିକଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଧର୍ମଶାଳା,୦୮/୦୪ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜାରକାଠାରେ ଅବସରପ୍ରାପ୍ତ ସୈନିକ ଚନ୍ଦ୍ରମଣୀ ନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ନିକଟରେ ଆସାମ ରାଜ୍ୟ ମେଘାଳୟରୁ ସୈନିକଭାବେ ଚାକିରୀ କାଳରୁ ଇନ୍ଦ୍ରମଣୀ ଅବସର ନେଇଛନ୍ତି । ଆଜି ଚନ୍ଦ୍ରମଣୀ ଜାରକାଠାରେ ପଂହଚିବା ପରେ ଭୁବନ ଗ୍ରାମବାସୀ ପକ୍ଷରୁ ଜାରକାଠାରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସେଠାରୁ ଏକ ଖୋଲା ଗାଡିରେ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ଅଂଚଳ ପରିକ୍ରମା କରାଯାଇ ତାଙ୍କ ବାସଭବନ ଭୁବନ ଗ୍ରାମକୁ ନିଆଯାଇଥିଲା । ଭ୍ରାମବଦେବତୀଙ୍କ ନିକଟରେ ଚନ୍ଦ୍ରମଣୀ ଦର୍ଶନ କରି ତାଙ୍କ ବାସଭବନକୁ ଯାଇଥିଲେ । ଚାକିରୀ କାଳରୁ ଫେରିବା ପରେ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି । ଗ୍ରାମର ଯୁବ ସଂଗଠକ ଶରତ ଚନ୍ଦ୍ର ନାୟକଙ୍କ ତତ୍ୱବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କପୁରଥଲା

ପଞ୍ଜାବର କପୁରଥଲାରେ ଦେଖିବାକୁ ମିଳେ ଉତ୍କୃଷ୍ଟ ବାସ୍ତୁକଳାର ଅନେକ ଉଦାହରଣ । ସେଥିପାଇଁ କପୁରଥଲାକୁ ପଞ୍ଜାବର ପ୍ୟାରିସ ବୋଲି କୁହାଯାଏ । ଏହି ସହରର ବାସ୍ତୁକଳା ଇଣ୍ଡୋ-ସାରାସେନିକ ଏବଂ ଫ୍ରେଞ୍ଚ ଶୈଳୀରେ ନିର୍ମାଣ କରାଯାଇଛି । କେବଳ ବାସ୍ତୁକଳା ନୁହଁ, ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ମଧ୍ୟ ଏଠି ଭରପୂର । ଏହି ସହରରେ ଅନେକ ଐତିହ୍ୟର ଝଲକ ମଧ୍ୟ ଦେଖିବାକୁ ମିଳେ । କପୁରଥଲାକୁ ରାଜପୁତ କବିଲେଙ୍କ ଦ୍ୱାରା ଏକାଦଶ ଶତାବ୍ଦୀରେ ସ୍ଥାପିତ କରାଯାଇଥିଲା । ଏହି ସହରରରେ ପୂର୍ବରୁ ମହାନ ରାଜା ଆଲୁୱାଲିୟା ରାଜବଂଶଙ୍କ ଶାସନ ଥିଲା । ଯାହାର ପ୍ରତିଛବି ଆଜି ବି ଏଠି ଜୀବିତପ୍ରାୟ । ପ୍ରାଚୀନ କାନ୍ଥଗୁଡ଼ିକରେ ଐତିହ୍ୟ ଏବଂ ସଂସ୍କୃତିର ଛବି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । କପୁରଥଲାରେ ରହିଛି ଅନେକ ଦର୍ଶନୀୟସ୍ଥାନ । ଯାହାକୁ ଦେଖିବାକୁ ସବୁ ସମୟରେ ପର୍ଯ୍ୟଟକଙ୍କ ଭିଡ଼ ରହିଥାଏ ।





### ଏଲିସି ମହଲ:

୧୯୬୨ରେ ବିକ୍ରମ ସିଂହଙ୍କ ଦ୍ୱାରା ଏହି ମହଲକୁ ନିର୍ମାଣ କରାଯାଇଥିଲା । ଏହାକୁ ଇଣ୍ଡୋ-ଫ୍ରେଞ୍ଚ ବାସ୍ତୁକଳା ଶୈଳୀରେ ନିର୍ମାଣ କରାଯାଇଛି । କିନ୍ତୁ ଏହି ମହଲକୁ ବର୍ତ୍ତମାନ ମୋଣ୍ଟଗୋମେରି ଗୁରୁ ନାନକ ସ୍କୁଲରେ ପରିବର୍ତ୍ତନ କରାଯାଇଛି ।



### ଜଗତଜିତ୍ ମହଲ:

କପୁରଥଲାର ପୂର୍ବ ମହାରାଜା ଜଗତଜିତ ସିଂହ ଏହି ମହଲରେ ରହୁଥିଲେ । ଏହାର ଅସ୍ତିତ୍ୱ ୧୯୦୮ରୁ । ଏହି ଭବ୍ୟ ମହଲକୁ ଇଣ୍ଡୋ-ସାରାସେନିକ ବାସ୍ତୁକଳା ଶୈଳୀରେ ତିଆରି କରାଯାଇଛି । ଏହି ମହଲରେ ଜାତୀୟ ପ୍ରତିରକ୍ଷା ଏକାଡେମି ପାଇଁ ପୁରୁଷଙ୍କୁ ପ୍ରଶିକ୍ଷଣ ଦେବାକୁ ଏକ ସୈନିକ ସ୍କୁଲ ରହିଛି । ଏହା କପୁରଥଲାର ସବୁଠୁ ସୁନ୍ଦର ସ୍ଥାନ ମଧ୍ୟରୁ ଅନ୍ୟତମ ।


### କାଂଜଳି ୱେଟଲ୍ୟାଣ୍ଡ:

୧୮୭୦ ରେ ଏହା ବ୍ୟାସ ନଦୀର ନିକଟରେ ତିଆରି ହୋଇଥିଲା । ନଦୀର ଆଖପାଖ ଅଞ୍ଚଳରେ ସିଞ୍ଚନର ସୁବିଧା ପ୍ରଦାନ କରିବା ପାଇଁ ୫୬ ବର୍ଗମିଟର ଭୂମିକୁ କାଂଜଳି ୱେଟଲ୍ୟାଣ୍ଡର ପରିବର୍ତ୍ତନ କରାଯାଇଥିଲା । ଏହି ମାନବ ନିର୍ମିତ ସ୍ଥଳ ପିକନିକ୍ ପାଇଁ ସବୁଠୁ ଭଲ ଜାଗା । ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ସ୍ଥାନୀୟ ଲୋକଙ୍କ ସହ ଫଟୋ ଉଠାଇବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ ।



### ଶାଲିମାର ଗାର୍ଡେନ:

ସୁନ୍ଦରା ବାସ୍ତୁକଳା ପାଇଁ ଶାଲିମାର ଗାର୍ଡେନ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ । ଏହି ସ୍ଥାନଟି ପର୍ଯ୍ୟଟକଙ୍କୁ ଶାନ୍ତି ଦେଇଥାଏ । ଚତୁପାର୍ଶ୍ୱରେ ଫୁଲ ବିଚ୍ଛୁରିତ ହୋଇଥାଏ । ଏଠାରେ ଘଣ୍ଟ ଘଣ୍ଟା ବସି ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି ।



### କେତେବେଳେ ଆସିବେ:

ଅାକ୍ଟୋବରରୁ ମାର୍ଚ୍ଚ ଶୀତ ସମୟରେ କପୁରଥଲା ବୁଲାବୁଲି କରିବାର ସବୁଠୁ ଭଲ ସମୟ । ଏହି ସମୟରେ ତାପମାତ୍ରା ଥଣ୍ଡା ରହିଥିବାରୁ ବୁଲାବୁଲି କରିବାରେ ଅସୁବିଧା ନଥାଏ ।

### କେମିତି ଆସିବେ:


କପୁରଥଲାର ନିକଟତମ ବିମାନବନ୍ଦର ଅମୃତସର ସ୍ଥିତ ରାଜା ସାଂସ ଆନ୍ତର୍ଜାତିକ ବିମାନବନ୍ଦର । ଏହା କପୁରଥଲାରୁ ୮୨ କିମି ଦୂରରେ ଅବସ୍ଥିତ । ରେଳ ଯୋଗେ ଆସିବାକୁ ଚାହୁଁଥିଲେ ମଧ୍ୟ ଆସିପାରିବେ । କପୁରଥଲା ରେଳଷ୍ଟେସନ ଦେଶର ପ୍ରମୁଖ ସହର ସହିତ ସଂଯୋଗ । ବସ୍ କିମ୍ବା ପ୍ରାଇଭେଟ ଗାଡ଼ି ଦ୍ୱାରା ମଧ୍ୟ କପୁରଥଲା ପହଞ୍ଚିପାରିବେ ।

## ୫ପିସ୍ ଚିକେନ୍ ଟାଙ୍ଗଡ଼ିର ମୂଲ୍ୟ ୭୦ ହଜାର



ପେଟକୁ ଦୁଇମୁଠା ଠିକରେ ଦାନା ଦେବା ପାଇଁ ଲୋକେ କେତେ କଣ କରୁଛନ୍ତି । ବିଶ୍ୱରେ ୬୦% ଲୋକ ଅର୍ଥାଭାବରୁ ମୁଠାଏ ଖାଇବା ମଧ୍ୟ ପାଉନାହାନ୍ତି । ଆଉ ଏପରି ବି ଲୋକ ଅଛନ୍ତି ଯେଉଁମାନେ ୭୦ହଜାର ଟଙ୍କା ଦେଇ ଚାରି ପିସ୍ ଚିକେନ ଖାଉଛନ୍ତି । ନ୍ୟୁୟର୍କ ସହରର ଏନ୍ସ୍ୱର୍ଥ ଏନୱାଇସି ନାମକ ଏକ ରେଷ୍ଟୁରାଣ୍ଟ ତାର ଚିକେନ ମେନ୍ୟୁକୁ ନେଇ ଏବେ ବଡ଼ ଚର୍ଚ୍ଚାରେ । ଫୁଡଗଡ଼ ନାମକ ଜଣେ ବ୍ୟକ୍ତି ଏହି ଚିକେନ ମେନ୍ୟୁକୁ ପ୍ରସ୍ତୁତ କରିଥିଲା ବେଳେ ତାକୁ ରେଷ୍ଟୁରାଣ୍ଟରେ ଉପଲବ୍ଧ କରାଯାଇଛି । ଏହି ମେନ୍ୟୁରେ ଚିକେନ ଟାଙ୍ଗଡ଼ି ଉପରେ ସୁନାର ପରସ୍ତ ବଢ଼ାଯାଇଛି। ସାଧାରଣ ଦେଖାଯାଉଥିବା ଏହି ଡିସରେ ସୁନା ପାଣି ଢ଼ଳା ଯାଇଥାଏ । ସିଝିବା ପରେ ଏହା ଉପରେ ସୁନା ପାଉଡର ଛିଞ୍ଚା ଯାଇଥାଏ ଚିକେନକୁ ପ୍ରଥମେ ୧୨ଘଣ୍ଟା ଲେମ୍ବୁପାଣିରେ ଭିଜା ଯାଇଥାଏ । ପରେ ଟାଙ୍ଗଡିଗୁଡ଼ିକୁ ଅଦା ଏବଂ ଲଙ୍କାରେ ମାରିନେଟ୍ କରାଯାଏ । ଏହାପରେ ଫ୍ରାଏ କରାଯାଇଥାଏ ଚିକେନକୁ । ଫ୍ରାଏ ଚିକେନକୁ ୨୪ କ୍ୟାରେଟ ସୁନା ପାଣିରେ ବତୁରାଯାଏ । ଶେଷ ପର୍ଯ୍ୟାୟରେ ଏଥିରେ ସୁନା ପାଉଡର ଛିଞ୍ଚାଯାଇ ଗ୍ରାହକଙ୍କୁ ପରସା ଯାଇଥାଏ । ଗୋଟିଏ ପ୍ଲେଟରେ ୫ଟି ଟାଙ୍ଗଡ଼ି ରହିଥିଲା ବେଳେ ଏହାର ମୂଲ୍ୟ ପାଖାପାଖି ୭୦ହଜାର ଟଙ୍କା ।

## ମୋଜାର କରାମତି



ଆମେ ପ୍ରତିଦିନ ଜୋତା ଓ ମୋଜା ପିନ୍ଧିବା ଉଚିତ । ଏହାଦ୍ୱାରା ପାଦ ଅପରିଷ୍କାର ହୋଇନଥାଏ । ମୋଜା କେବଳ ପାଦକୁ ଅପରିଷ୍କାର ହେବାରୁ ରକ୍ଷା କରେ ତା ନୁହେଁ, ଏହା ଆମକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ । ମୋଜା ପିନ୍ଧି ଶୋଇବା ଦ୍ୱାରା ଗୋଡି ଫାଟି ନଥାଏ । ଓ ନରମ ରହିଥାଏ । ସାଧାରଣତଃ ବିଛଣାରୁ ଉଠିବା ପରେ ଗୋଇଠି ଶୁଷ୍କ ହୋଇଯାଏ । ତେଣୁ ଶୋଇବା ସମୟରେ ମୋଜା ପିନ୍ଧି ଶୋଇବା ପରେ ଅନେକ ଲୋକଙ୍କ ପାଦ ଥଣ୍ଡା ପଡ଼ିଯାଏ । ତେଣୁ ମୋଜା ପିନ୍ଧି ଶୋଇବା ଫଳରେ ପାଦ ଉଷୁମ ରହିଥାଏ । ଯାହାକୁ ଆମେ ହାଇପ୍ରୋହାଇଡ୍ରେସିସ୍ କହିଥାଏ । ପାଦରୁ ଅଧିକ ଝାଳ ବାହାରୁଥିଲେ ମୋଜା ପିନ୍ଧି ଶୋଇବା ଉଚିତ । ଏହା ଦ୍ୱାରା ଦୁର୍ଗନ୍ଧ ଓ ବ୍ୟାକ୍ଟେରିଆ ଠାରୁ ମୁକ୍ତି ମିଳିବା ସହ ସଂକ୍ରାମକ ରୋଗ ହୋବାର ସମସ୍ୟାର କମ ଦେଖାଦେଇଥାଏ । ପଦ ଶରୀରର ଏପରି ଏକ ଅଂଶ ଯାହା ଶରୀରର ଓଜନକୁ ସନ୍ତୁଳିତ ରଖିଥାଏ । ଏହି କାରଣରୁ ବେଳେବେଳେ ପାଦରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ପାଦର ଏହିସବୁ ସମସ୍ୟାକୁ ଆମକୁ ମୋଜା ରକ୍ଷା କରିଥାଏ ।

## ଡାକ୍ତରଖାନାରେ ଭର୍ତ୍ତି ପାଇଁ ଦେଖାହେଉଛି ରୋଗୀଙ୍କ କୁଣ୍ଡଳୀ ଗ୍ରହ

ଡାକ୍ତରମାନେ ସାଧାରଣତଃ ଜ୍ୟୋତିଷ, ଭୂତ, ପ୍ରେତ ଆଦି ଧାର୍ମିକ ବିଷୟ ଉପରେ ବିଶେଷ ଭରସା କରନ୍ତି ନାହିଁ ଚିକିତ୍ସା ସମୟରେ । ହେଲେ ଏପରି ଏକ ଡାକ୍ତରଖାନା ଅଛି ଯେଉଁଠାରେ ଡାକ୍ତରମାନେ ଜ୍ୟୋତିଷଙ୍କ ସହଯୋଗରେ ରୋଗୀଙ୍କ ଚିକିତ୍ସା କରିଥାଆନ୍ତି । ଜୟପୁର ସ୍ଥିତ ୟୁନିକ୍ ସଙ୍ଗୀତା ମେମୋରିଆଲ ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା ପୂର୍ବରୁ ପ୍ରଥମେ ସେମାନଙ୍କର କୁର୍ଡଳୀ ଦେଖାଯାଇଥାଏ । ଏହି ଡାକ୍ତରଖାନାରେ ସମସ୍ତ ଆଧୁନିକ ଯନ୍ତ୍ରପାତି ଥିଲେ ମଧ୍ୟ ଡାକ୍ତରମାନେ ଚିକିତ୍ସା ପୂର୍ବରୁ ଜ୍ୟୋତିଷଙ୍କ ପରାମର୍ଶ ନେଇଥାଆନ୍ତି । ଚଳିତବର୍ଷ ଫେବୃଆରୀରେ ରାଜସ୍ଥାନ କଂଗ୍ରେସ ସରକାର ଦ୍ୱାରା ଏହି ଡାକ୍ତରଖାନାର ଉଦଘାଟନ କରାଯାଇଥିଲା । ଏଠାରେ ଔଷଧ କାଉଣ୍ଟର ସହ ଏକ ଜ୍ୟୋତିଷ କାଉଣ୍ଟର ମଧ୍ୟ ଖୋଲାଯାଇଛି । ଏଠାରେ ଆର୍ଯ୍ୟୁବେଦ, ଯୋଗ, ଜ୍ୟୋତିଷ ସୁବିଧା ରହିଛି । ଏଠାକୁ ରୋଗୀ ଆସିବା ପରେ ପ୍ରଥମେ ସେମାନଙ୍କୁ ଜ୍ୟୋତିଷଣ କାଉଣ୍ଟରକୁ ପଠାଯାଇଥାଏ । ସେଠାରେ ତାଙ୍କର କୁଣ୍ଡଳୀ ପ୍ରସ୍ତୁତ ହୁଏ । କୁଣ୍ଡଳୀ ଦେଖି ରୋଗୀଙ୍କର ରୋଗ ସମ୍ପର୍କରେ ସୂଚନା ମିଳିବା ପରେ ସେହି ଅନୁସାରେ ରୋଗୀଙ୍କର ଚିକିତ୍ସା କରାଯାଇଥାଏ ।

## ଅଧିକ ଚିନି ବଢ଼ାଏ କର୍କଟ ଆଶଙ୍କା !


ଖାଦ୍ୟରେ ଅଧିକ ଚିନି ଖାଇବା ଦ୍ୱାରା କେବଳ ମଧୁମେହ କିମ୍ବା ମେଦ ବହୁଳତାର ଶିକାର ହେବାକୁ ପଡ଼େ ନାହିଁ, ବରଂ ସ୍ତନ ଓ ଫୁସଫୁସ୍ କର୍କଟ ଆଶଙ୍କା ବଢ଼ିବା ଏକ ନୂତନ ଅଧ୍ୟୟନରୁ ପ୍ରକାଶ । ଟେକ୍ସାସ ବି୍ବବିଦ୍ୟାଳୟର ଏମଡି ଅଣ୍ଡରସନ କ୍ୟାନସର ରିସର୍ଚ୍ଚ ସେଣ୍ଟର ଗବେଷକମାନେ ମୂଷାମାନଙ୍କ ଶରୀରରେ ପରୀକ୍ଷା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଚାରିଟି ବର୍ଗରେ ବିଭାଜିତ କିଛି ମାଈ ମୂଷାଙ୍କୁ ଚିନି ଏବଂ ଚିନି ମିଶ୍ରିତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । ତିରିଶ ପ୍ରତିଶତ ମୂଷାଙ୍କର ଖିର ଉତ୍ପନ୍ନକାରୀ ଗ୍ରନ୍ଥିରେ କର୍କଟାକ୍ରାନ୍ତ ଛୋଟ ଆବଚୁ ସୃଷ୍ଟି ହୋଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା । ମିଠାଜାତୀୟ ପାନୀୟ ମଧ୍ୟ କ୍ଷତିକାରକ । ଏହା ହୃଦରୋଗ, ପୃଥୁଳତା ଏବଂ କର୍କଟ ସୃଷ୍ଟିର କାରଣ ବୋଲି ପୂର୍ବରୁ ପରୀକ୍ଷିତ ।

## ସ୍କର୍ଟ ପିନ୍ଧି ଅଫିସ ଆସିଲେ ମିଳୁଛି ଅଧିକ ପଇସା



ଋଷର ଏକ କମ୍ପାନୀ ଏବେ ତାର ନିଆରା ନିଷ୍ପତ୍ତି ନେଇ ବଡ଼ ଚର୍ଚ୍ଚାରେ । ଟେଟ୍‌ପ୍ରୋଫ ନାମକ ଏହି ଆଲୁମିନିୟମ ଉତ୍ପାଦନ କରୁଥିବା କମ୍ପାନୀ ମହିଳା କର୍ମଚାରୀଙ୍କୁ ସ୍କର୍ଟ ପିନ୍ଧି ଏବଂ ମେକଅପରେ ଅଫିସ ଆସିଲେ ପ୍ରତିଦିନ ଦେଉଛି ଅଧିକ ୧୦୬ ଟଙ୍କା । କର୍ମକ୍ଷେତ୍ରରେ ଏକ ଭିନ୍ନ ବାତାବରଣ ସୃଷ୍ଟି ପାଇଁ କମ୍ପାନୀ ପକ୍ଷରୁ ଗତି ଏକ ମାସ ଧରି ଏହି କାର୍ଯ୍ୟକ୍ରମ ଜାରି ରହିଛି । କମ୍ପାନୀର ଏହି ନିଷ୍ପତ୍ତିକୁ ନେଇ ଲୋକଙ୍କ ଭିତରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି । କମ୍ପାନୀ ପକ୍ଷରୁ ଯୁକ୍ତି ବଢ଼ାଯାଇଛି ଯେ, ଏହାଦ୍ୱାରା ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବା ସହ ସେମାନେ ନିଜକୁ ଅଧିକ ଫ୍ରେସ୍ ଅନୁଭବ କରିବେ । ଏହାଦ୍ୱାରା ସେମାନଙ୍କର କାମ କରିବାର ଆଗ୍ରହ ଆହୁରି ବଢ଼ିବ । କମ୍ପାନୀ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମେ’ ୨୭ରୁ ଆରମ୍ଭ ହୋଇଥିଲା ବେଳେ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଏହି ବୋନସ ଅର୍ଥ ସେହି ମହିଳା କର୍ମଚାରୀଙ୍କୁ ମିଳୁଛି ଯେଉଁମାନେ ସ୍କର୍ଟ ଏବଂ ମେକଅପ୍ ସହ ନିଜ ଫଟୋ କମ୍ପାନୀକୁ ପଠାଉଛନ୍ତି ।






## କଟନ୍ କପଡ଼ା ପରଖିବେ କେମିତି ?

ବଜାରରୁ ଶୁଦ୍ଧ ସୂତାକପଡ଼ା କିଣିବା ସମୟରେ କପଡ଼ାକୁ ସ୍ପର୍ଶ କରି ଅନୁମାନରେ କିଣିବାକୁ ପଡ଼ିଥାଏ । ଜଣାପଡ଼େ ନାହିଁ ଏହା ଅସଲ କଟନ୍ କି ନାହିଁ । ବେଳେ କଟନ ସହ ମିଶା କପଡ଼ା ମଧ୍ୟ ଆସିଥାଏ ଯାହା ଜଣାପଡ଼େ ନାହିଁ ଓ କପଡ଼ାର ଗୁଣ ହ୍ରାସ ପାଇଥାଏ । ତେବେ ଅସଲ କଟନ୍ କପଡ଼ା କିପରି ଜାଣିବେ ତାହା ଜାଣନ୍ତୁ । ପ୍ରଥମତଃ କପଡ଼ା କିଣିବା ସମୟରେ କପଡ଼ାକୁ ଭଲ ଭାବରେ ସ୍ପର୍ଶ କରନ୍ତୁ ଓ ଗୋଟେ କୋଣରୁ ଟିକିଏ କାଟନ୍ତୁ, ଯଦି କପଡ଼ାଟି ସହଜରେ କଟିଗଲା ତାହେଲେ ଜାଣିବେ ଏହା ଶୁଦ୍ଧ ସୂତାକପଡ଼ା । ସେହି କଟା ଖଣ୍ଡକୁ ନିଆଁରେ ପୋଡ଼ନ୍ତୁ, ଯଦି ଶୁଦ୍ଧ ସୂତା କପଡ଼ା ହୋଇଥାଏ ତେବେ ଏହା ଆରାମରେ ଜଳିଯିବ । ଜଳିବା ସମୟରେ ଯଦି ଶୁଦ୍ଧ ସୂତା କପଡ଼ା ହୋଇଥାଏ ତେବେ ଏହା ଆରାମରେ ଜଳିଯିବ । ଜଳିବା ସମୟରେ ଯଦି କପଡ଼ାରେ ଗଣ୍ଠି ପଡ଼େ ତାହେଲେ ସେଥିରେ ମିଶା କପଡ଼ା ଥାଏ ବୋଲି କୁହାଯାଏ । କଟନ ସୂତା କପଡ଼ା ତୁରନ୍ତୁ ଜଳିକତ ଧ୍ୱଂସ ହୋଇଯାଏ କିନ୍ତୁ ମିଶା କପଡ଼ା ଜଳିବା ସମୟରେ ଗଣ୍ଠି ହୋଇ ରହିଯାଏ । ସୂତା କପଡ଼ାକୁ ମଧ୍ୟ ଲାବ୍ରୋଟୋରୀରେ ପରୀକ୍ଷଣ କରାଯାଇପାରିବ ।

## ସ୍ୱୟମ୍ଭୁନାଥ ମନ୍ଦିର

କାଠମାଣ୍ଡୁ ଉପତ୍ୟକାର ପାହାଡ଼ ଶୀର୍ଷରେ ଶୋଭାପାଏ ପ୍ରାଚୀନ ବୌଦ୍ଧସ୍ତୁପ ସ୍ୱୟମ୍ଭୁନାଥ ତିବତ୍ ଓ ତିବତୀୟ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଏହା ଆସ୍ଥାର ପ୍ରମୁଖ କେନ୍ଦ୍ର । ପ୍ରାଚୀନ ଶିଳ୍ପକଳାର ମଧ୍ୟ ଏକ ସୁନ୍ଦର ନମୁନା । ଏକାଧିକ ମନ୍ଦିର ମଧ୍ୟ ଭାଗରେ ସ୍ୱୟମ୍ଭୁନାଥ ଅବସ୍ଥାନ କରିଛନ୍ତି । ପଞ୍ଚମ ଶତାବ୍ଦୀରୁ ଏହି ଧାର୍ମିକ ସ୍ଥଳୀର ଉପସ୍ଥିତି ବିଷୟରେ ପ୍ରମାଣ ମିଳେ । ଏଠାରେ ଥିବା ପ୍ରତିଟି ମନ୍ଦିର ସୁନ୍ଦର ଭାବେ ଅଳଙ୍କୃତ ଓ ସୁନାରେ ସିତ । ଏହା କେବଳ ଏକ ଧାର୍ମିକ ସ୍ଥଳୀ ନୁହେଁ, ବିଶ୍ୱର ପର୍ଯ୍ୟଟକଙ୍କୁ ମଧ୍ୟ ଆକୃଷ୍ଟ କରେ । ଏଠାରେ ଏକ ବିବତୀୟ ମଠ, ସଂଗ୍ରହାଳୟ ଓ ପାଠାଗାର ଏଇ ନିକଟରେ ସ୍ଥାନ ପାଇଛି। ସ୍ତୁପରେ ବୁଦ୍ଧ ଦେବଙ୍କ ଆଖି ଓ ଭ୍ରୂଲତା ଅଙ୍କାହୋଇଛି ତାରି ମଧ୍ୟରେ ନାକ ରୂପେ ଦେବନାଗରୀ ଲିପିରେ ନମ୍ବର ୧ ଅଙ୍କାଯାଇଛି । ବୌଦ୍ଧସ୍ତୁପ ପରେ ଏହା ଦ୍ୱିତୀୟ ସ୍ଥଳୀର ମାନ୍ୟତା ପାଇଛି । ସ୍ୱୟମ୍ଭୁ ପୁରାଣ ଅନୁସାରେ, ଏହି ସମଗ୍ର ଉପତ୍ୟକା ,କଦା ହ୍ରଦରେ ପରିପୂର୍ଣ୍ଣ ହୋଇଥିଲା । ତନ୍ମଧ୍ୟରୁ ପଦ୍ମ ଫୁଟିଲା । ତା’ପରେ ଉପତ୍ୟକାଟି ସ୍ୱୟମ୍ଭୁ ନାମରେ ପରିଚିତ ହେଲା, ଯାହାର ଅର୍ଥ ‘ସ୍ୱୟଂ ସୃଷ୍ଟି’ । ମନ୍ଦିରର ଉତ୍ତର ପଶ୍ଚିମ ଦିଗରେ ବହୁ ସଂଖ୍ୟାରେ ମାଙ୍କଡ଼ ଦେଖାଯାନ୍ତି । ବୌଦ୍ଧଧର୍ମାବଲମ୍ବୀ ଓ ଅନ୍ୟ ଶ୍ରଦ୍ଧାଳୁ ସେମାନଙ୍କୁ ପବିତ୍ର ବୋଲି ବିଶ୍ୱାସ କରନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୂଆ ଭୟ...

ଦେଶରେ କରୋନା ମହାମାରୀର ତୃତୀୟ ଲହର ବ୍ୟାପକ ମାତ୍ରାରେ ଥମି ଆସିଥିବା ବେଳେ ଏହି ଭୂତାଣୁର ଏକ ନୂଆ ଭେରିଆଣ୍ଟ ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି । ଭୂତାଣୁ ବିଜ୍ଞାନୀମାନେ ଏହାକୁ 'ଏକ୍ସଇ' ଭେରିଆଣ୍ଟ ଭାବେ ନାମିତ କରିଛନ୍ତି । ବ୍ରିଟେନରେ ଗତ ଜାନୁଆରୀ ୧୯ ତାରିଖ ଦିନ ପ୍ରଥମ ଥର ପାଇଁ ଏଭଳି ନୂଆ ଭୂତାଣୁ ଚିହ୍ନଟ କରାଯାଇଥିଲା । ଏହାକୁ ଓମାଇକ୍ରନ୍ ଭେରିଆଣ୍ଟର ଏକ ସବ୍-ଭେରିଆଣ୍ଟ ବୋଲି ବିଜ୍ଞାନୀମାନେ ଏବେ ସୁଦ୍ଧା ଠଉରାଇଛନ୍ତି । କିନ୍ତୁ ଏହା କେତେ ମାତ୍ରାରେ ଘାତକ ଓ ସଂକ୍ରମଣକ୍ଷମ ତଥା ଏପର୍ଯ୍ୟନ୍ତ ପ୍ରସ୍ତୁତ ପ୍ରତିଷେଧକ ଟିକା ଏହାକୁ ରୋକିବା ନିମନ୍ତେ କେତେଦୂର ସକ୍ଷମ ତାହା ନିର୍ଦ୍ଦିଷ୍ଟ ରୂପେ ନିର୍ଦ୍ଧାରିତ ହୋଇପାରି ନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ 'ଏକ୍ସଇ' ଭେରିଆଣ୍ଟ ତଥା ସ୍ୱୀକାର କରାଯାଇଛି ଓ ସମସ୍ତଙ୍କୁ ସତର୍କ ମଧ୍ୟ କରାଯାଇଛି । କିନ୍ତୁ ଆଶ୍ୱସ୍ତିର କଥା, କୌଣସି ରାଷ୍ଟ୍ରରେ ଏହା ଏଯାବତ୍ ଘାତକ ସଂକ୍ରମଣ ଘଟାଇନାହିଁ । ଅଦ୍ୟାବଧି ଏହାର ୬୦୦ ସେକ୍ୱେନ୍ସ ରିପୋର୍ଟ କରାଯାଇଛି । ଯେହେତୁ ଓମାଇକ୍ରନ୍ ଭେରିଆଣ୍ଟର ଏହା ଏକ ଉପ-ସ୍ୱରୂପ ସେହି ଦୃଷ୍ଟିରୁ ଏହା ମାରାତ୍ମକ କିମ୍ବା ଘାତକ ସଂକ୍ରାମକ ନୁହେଁ ବୋଲି ବିଶ୍ୱାସ କରାଯାଏ । ଭାରତରେ (ମୁମ୍ବାଇରେ) ଏପର୍ଯ୍ୟନ୍ତ ଏକ୍ସଇ ଭେରିଆଣ୍ଟର ମାତ୍ର ଜଣେ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ପଚାଶ ବର୍ଷୀୟା ଏହି ଚିହ୍ନଟ ଭଦ୍ର ମହିଳା ଦକ୍ଷିଣ ଆଫ୍ରିକାରୁ ମୁମ୍ବାଇ ଆସିଥିଲେ ଓ ପରେ ରୁଟିନ ପରୀକ୍ଷଣ ବେଳେ ତାଙ୍କ ନମୁନାରୁ ଏହା ଜଣାପଡିଥିଲା । ତେବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଚିହ୍ନିତ ମହିଳା କରୋନାର ନୂତନ ଭେରିଆଣ୍ଟରେ ଆକ୍ରାନ୍ତ ନୁହଁନ୍ତି । ତେଣୁ ଏହାକୁ ନେଇ ଉଦ୍‌ବେଗ ପ୍ରକଟ କରିବାର କୌଣସି କାରଣ ନାହିଁ । ଦେଶରେ ଆଉ ମାତ୍ର କେଇ ହଜାର ସକ୍ରିୟ କରୋନା ପଜିଟିଭ ରହିଛନ୍ତି । ଆରୋଗ୍ୟ ହାର ୯୮ ପ୍ରତିଶତ ଉପରେ ରହିଛି । ଦୀର୍ଘ ଦୁଇବର୍ଷ ପରେ କରୋନା ପଞ୍ଝାରୁ ଦେଶ ଓ ଦେଶବାସୀ ମୁକୁଳି ପାରିଛନ୍ତି । ସ୍କୁଲ, କଲେଜ, ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ସର୍ବସାଧାରଣ ସ୍ଥାନ ଏବେ ଖୋଲିବା ଆରମ୍ଭ କରିଛି । ଅନ୍ୟ ଭାଷାରେ କହିଲେ, ସ୍ୱାଭାବିକତା ଦିଗରେ ସଭିଏଁ ମୁହାଁଇଛନ୍ତି । ପିଲାମାନେ ଦୀର୍ଘଦିନ ବ୍ୟବଧାନରେ ବିଦ୍ୟାଳୟକୁ ଯାଇ ପାଠ ପଢ଼ା ଆରମ୍ଭ କରୁଛନ୍ତି । ସେତିକିବେଳେ ପୁଣି ଥରେ ଏଭଳି ଏକ ନୂଆ କରୋନା ଭେରିଆଣ୍ଟ ଚିହ୍ନଟ ହେବା ଆଶା ଆଶଙ୍କାକୁ ବଢ଼ାଇ ଦେଉଛି । ଗତ ଦୁଇବର୍ଷ ଭିତରେ ବିଶ୍ୱର ଊଣାଅଧିକେ ସବୁ ଦେଶ କରୋନା ପ୍ରଭାବକୁ ଅଙ୍ଗେ ନିଭେଇଛନ୍ତି । ପୁଣି ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ଲହର ଓ ସଂକ୍ରମଣ ମାତ୍ରା ଦେଖିବାକୁ ମିଳିଛି । ଏବେ ମଧ୍ୟ ଚୀନ ସମେତ କେତେକ ରାଷ୍ଟ୍ରରେ ଅବସ୍ଥା ଚିନ୍ତାଜନକ ସ୍ଥିତିରେ ରହିଛି । ଭାରତରେ ଦ୍ୱିତୀୟ ଲହର ଯେଉଁଭଳି ଘାତକ ରୂପ ଧାରଣ କରିଥିଲା, ସେଥିରେ ବହୁ ଜୀବନ ହାନି ଘଟିଛି । ସେ ଦୁଃଖଦ ସ୍ମୃତି ଲୋକଙ୍କ ମନରୁ ଲିଭିନାହିଁ । କରୋନାକୁ ନେଇ ବିଜ୍ଞାନୀମାନଙ୍କ ଭବିଷ୍ୟବାଣୀ ଶୁଣିବାକୁ ମିଳୁଛି ଯେ, ଏହା କାୟା ବଦଳାଇ ଏମିତି ଲାଗି ରହିବ ଓ ସମୟାନ୍ତରେ ମୁଣ୍ଡ ଟେକିବ । ଆଉ କେହି କହନ୍ତି ଯେ, କରୋନା ଭୂତାଣୁ ପ୍ରକୋପ ଥମି ସାରିଲାଣି । ଆଉ ଚିନ୍ତାର କାରଣ ନାହିଁ । ତେଣୁ ଏପରିର ଦ୍ୱନ୍ଦ୍ୱ ଭିତରେ ବିଜ୍ଞ କାର୍ଯ୍ୟଟି ହେବ ସାବଧାନତା ଆଚରଣ । କରୋନା ଉପଯୁକ୍ତ ଆଚରଣ ପରାମର୍ଶ ଆପଣାଇବାକୁ ଏବେ ସୁଦ୍ଧା ସରକାରଙ୍କ ନିର୍ଦ୍ଦେଶନାମା ଜାରି ରହିଛି । ଏହା ହିଁ ସଂକ୍ରମଣର ଶୀର୍ଷାବସ୍ଥା ବେଳେ ସମସ୍ତଙ୍କ ପାଇଁ ହିତକର ସାବ୍ୟସ୍ତ ହୋଇଥିଲା । ଭାରତରେ ଚତୁର୍ଥ ଲହର ଆସୁ ଅବା ନଆସୁ, ଏହା ମାରାତ୍ମକ ହେଉ କିମ୍ବା ନ ହେଉ, ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ସତର୍କତା ଅବଲମ୍ବନ ହିଁ ଏକମାତ୍ର ଗ୍ରହଣୀୟ ସାଧନ, ଏଥିରେ ଦ୍ୱିମତ ଥାଇନପାରେ । ଏହି ସତର୍କତା ଅବଲମ୍ବନ ପାଇଁ କୌଣସି ସରକାରୀ ସତର୍କବାଣୀ ନୁହେଁ, ନିଜସ୍ୱ ସଚେତନତା ହିଁ ସର୍ବାଦୌ କର୍ତ୍ତବ୍ୟ । ଏହା ଦେଶବାସୀ ଗତ ଦୁଇବର୍ଷ ମଧ୍ୟରେ ପ୍ରଦର୍ଶନ କରିଆସିଛନ୍ତି ଏବଂ ଏବେ ମଧ୍ୟ ସେହି ଶୃଙ୍ଖଳାକୁ ଆପଣାଇବାକୁ ପଶ୍ଚାତ୍‌ପଦ ହେବେ ନାହିଁ । ତାହା ହିଁ କରୋନା ମହାମାରୀକୁ ମୁକାବିଲା କରିବାରେ ସହାୟକ ହେ । କରୋନା କେବଳ ଆମର ନୁହେଁଇ ସମଗ୍ର ମାନବ ସମାଜ ପାଇଁ ଏକ ବିପଦ ।

## ବିଷ ବଳୟରେ ୯୦% ଭାରତୀୟ : ଅଧିକ ସଂକ୍ରମିତ ହେବେ ଶିଶୁ



**ପ୍ର. ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ୍ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ୍ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋଗ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି।

ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ୍ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।


♥ ଶିଶୁରୋଗ ବିଭାଗ,
ଶିଶୁଭବନ, କଟକ,
ମୋ: ୯୪୩୭୧୨୪୦୭୪


## ପ୍ରକୃତ ଭକ୍ତିର ଲକ୍ଷଣ



**ଭବାଶିଷ ଦାସ**

ସନ୍ତୋଷ, ମନର ତୁଷ୍ଟିର ଅନ୍ୟ ଏକ ନାମ। ଏ ଦୃଶ୍ୟମାନ ଜଗତରେ ସବୁ କିଛି ସଂକଳ୍ପ ଶକ୍ତିର ଫଳ। ମଣିଷର ଜୀବନ ତାର ଚିନ୍ତାଧାରା ଉପରେ ନିର୍ଭର କରେ। ଜୀବନ ଅନେକ ପ୍ରକାର କର୍ମର ସମାହାର। ସଂକଳ୍ପ ଅତି ବଳବାନ। ଏହା ମଣିଷକୁ ମନର ଗୋଟିଏ ଅବସ୍ଥାରୁ ଆଉ ଏକ ଅବସ୍ଥାକୁ ଘେନି ଯାଇପାରେ। ଏହା ଗୋଟିଏ ପ୍ରକାର ମଣିଷକୁ ଆଉ ଏକ ପ୍ରକାର ମଣିଷ କରି ଦେଇପାରେ। ପୁରାକାଳରେ ଋଷିମାନେ ପ୍ରଥମାବସ୍ଥାରେ ସାଧାରଣ ଲୋକ ହିସାବରେ ଥିଲେ। କେବଳ ତାଙ୍କ ସଂକଳ୍ପ ବଳରେ ସେମାନେ ମହାନ ଲୋକ ହୋଇ ପାରିଥିଲେ। ସଂକଳ୍ପ ଶକ୍ତି ବଳରେ ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକି ହୋଇ ପାରିଥିଲେ। ସେହି ଶକ୍ତି ବଳରେ ରାମକୃଷ୍ଣ, ରାମକୃଷ୍ଣ ପରମହଂସ ହୋଇ ପାରିଥିଲେ। ଦୁଇ ପ୍ରକାର ସଂକଳ୍ପ ଅଛି। ଗୋଟିଏ ଦୂଷିତ ଓ ଅନ୍ୟଟି ପବିତ୍ର। ପବିତ୍ର ସଂକଳ୍ପ ବଳରେ ମାନବ କଲ୍ୟାଣ ଭଳି ସତକର୍ମ ମାନ ସାଧିତ ହୋଇପାରେ। ଦୂଷିତ ସଂକଳ୍ପରେ ଈର୍ଷା, ଘୃଣା, ସମାଲୋଚନା ପ୍ରଭୃତି ଭରି ରହିଥାଏ। ମଣିଷ ସ୍ୱଭାବର ଦୁଇଟି ପାଖ ଅଛି। ଗୋଟିଏ ପାଶବିକ ଓ ଅନ୍ୟଟି ଦୈବୀ। ମଣିଷ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ଷଡ଼ରିପୁଙ୍କ ଦ୍ୱାରା ଆକ୍ରାନ୍ତ। ମଣିଷ ତା'ଠାରେ ଥିବା ସୁପ୍ରବୃତ୍ତିକୁ ଭଲ କାମରେ ଲଗାଉ ନାହିଁ। ସୁଫଳ ସୃଷ୍ଟି କରୁଥିବା ସତକର୍ମମାନ ଓ ଈଶ୍ୱରଙ୍କ ପ୍ରତି ଉତ୍ସର୍ଗୀକୃତ ଜୀବନ ଦ୍ୱାରା ମାନବ ମାଧବକୁ ରୂପାନ୍ତରିତ ହୋଇଯାଇପାରେ। ଏ ମାର୍ଗରୁ ଦୂରେଇ ଗଲେ ସେ ଭୁଲ କରି ବସେ ଓ ପରିଶେଷରେ ଆସୁରି ପ୍ରବୃତ୍ତି ସମ୍ପନ୍ନ ହୋଇଯାଏ।

ମଣିଷର ଦେହକୁ ଗୋଟିଏ ରଥ ସହ ଓ ଆତ୍ମାକୁ ରଥର ସାରଥି ସହ ତୁଳନା କରାଯାଇପାରେ। ମଣିଷ ଭିତରୁ ଉପୁଜୁଥିବା ଭଲ ଓ ମନ୍ଦ ଚିନ୍ତା ଗୁଡ଼ିକ ପାଇଁ କାରଣ ମଧ୍ୟ ଅଛି। ଏକ ପାଖରେ କାରଣ ଓ ଅନ୍ୟ ପାଖରେ ଫଳାଫଳ। କାରଣ ଓ ଫଳାଫଳ ମଧ୍ୟରେ ଥିବା ସମ୍ପର୍କ ଅବର୍ଣ୍ଣନୀୟ। ସେମାନେ ପରସ୍ପର ନିର୍ଭରଶୀଳ, ଗୋଟିଏ ନଥିଲେ ଅନ୍ୟଟି ରହି ପାରିବ ନାହିଁ। କାରଣ ବିନା କୌଣସି ଘଟଣା ଘଟି ନପାରେ। କିନ୍ତୁ ଗୋଟିଏ କଥା ଅଛି ଯାହା କୌଣସି ହେତୁ ନଥାଇ ମଧ୍ୟ ପ୍ରବେଶ କରିଯାଏ। ତାହା ହେଉଛି ଅହଂଭାବ। ଅହଂଭାବ ଯୋଗୁଁ ମଣିଷ ଅନୁଭବ କରେ ଯେ ତା ସମକକ୍ଷ ଆଉ କେହିନାହିଁ। ଏହାଦ୍ୱାରା ସେ ନିଜକୁ ଭୁଲି ଯାଏ। ଅହଂକାରର ଏଭଳି ଶକ୍ତି। ଅହଂପୂର୍ଣ୍ଣ ଲୋକ କ'ଣ ଠିକ କ'ଣ ଭୁଲ ତାହା ଜାଣି ପାରେନାହିଁ। ସେ ଗୋଟିଏ ପଶୁ ତଥା ଅସୁର ଠାରୁ ବି ହୀନ ହୋଇଯାଏ। ଏହି ଅହଂକାର ବିନାଶ କରିବା ପାଇଁ ଆମକୁ ଆମର ସମସ୍ତ ମନ୍ଦ ଗୁଣ ଗୁଡ଼ିକୁ ହୋମାଗ୍ନିରେ ଉତ୍ସର୍ଗ କରି ଦେବାକୁ ପଡ଼ିବ।

ଆମ ଠାରେ ଯଦି ସାମାନ୍ୟ ମାତ୍ର ପରିବର୍ତ୍ତନ ନ ଆସିଲା, ତେବେ ଜୀବନ ବୃଥାରେ ନଷ୍ଟ ହୋଇଗଲା ବୋଲି ଜାଣ। ଆଜିକାଲି ଆମେ ଗୋଟିଏ ପ୍ରକାର କଥା କହୁ ତ ଆଉ ଗୋଟିଏ ପ୍ରକାର କାମ କରୁ। ଅହଂକାର ମଣିଷ ଭିତରେ ପ୍ରବେଶ କରି ଘଟିବାକୁ ଯାଉଥିବା କଥା ସବୁ ଭୁଲାଇ ଦେଉଛି। ଆମର ପ୍ରତ୍ୟେକ ଭୁଲ ପାଇଁ, ପ୍ରତ୍ୟେକ ଅପରାଧ ପାଇଁ, ପ୍ରତିଟି ମିଥ୍ୟା ବଚନ ପାଇଁ ଫଳଭୋଗ କରିବାକୁ ପଡ଼ିବ। ତେଣୁ ସୁଗୁଣର ଅଭିବୃଦ୍ଧି କରି ମଙ୍ଗଳ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବା।

'ଯଦଭାବମ ତଦ ଭବତି।' ଅର୍ଥାତ୍ ଆମେ ଯେମିତି ଭାବିବା ସେମିତି ହୋଇପାରିବା। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ କହିଛନ୍ତି 'କେବଳ ନିର୍ମଳ ହୃଦୟ ବ୍ୟକ୍ତିମାନେ ହିଁ ଈଶ୍ୱର ଦର୍ଶନ ଲାଭ କରନ୍ତି। ଅଧିକରୁ ଅଧିକ ଦୈବୀ କୃପା ଲାଭ କରି ନେବା ପାଇଁ ହୃଦୟକୁ ବୃହତରୁ ବୃହତ୍ତର କର। ଛୋଟିଆ ପାତ୍ରଟିଏ ନେଇ ଯାଇ ତୁମେ ସେଥିରେ ସମୁଦ୍ରର ସମୁଦାୟ ଜଳ ନେଇ ଆସିପାରିବ ନାହିଁ। ପାତ୍ରରେ ଯାହା ଧରୁଥିବା ପରିମାଣର ଜଳ କେବଳ ପାଇ ପାରିବ। ତୁମେ ନିଜକୁ ଜଣେ ବଡ଼ ଭକ୍ତ ଓ ବହୁ ହିତକର କାର୍ଯ୍ୟରେ ସମ୍ପୃକ୍ତ ବୋଲି କହି ବିଶ୍ୱକୁ ଠକି ଠକି ଚାଲିଛ। ଜଣଙ୍କର କାର୍ଯ୍ୟ କଳାପ, ଆଚରଣ ବ୍ୟବହାରରୁ ହିଁ ପ୍ରକୃତ ଭକ୍ତି ଜଣା ପଡ଼ିବ।


♥ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, ପ୍ଲଟ ନଂ - ୧୪୫୦,
ସେକ୍ଟର-୧୦, ସିଡିଏ, କଟକ,
ମୋ : ୯୮୬୧୧୧୮୬୭୩


## ଭ୍ରମଣ ସାହିତ୍ୟର ଜନକ : ରହୁଲ ସାଂକୃତ୍ୟାୟନ



**ଭବାଶିଷ ଦାସ**

ରହୁଲ ସାଂକୃତ୍ୟାୟନ ଥିଲେ ଜଣେ ବିଶିଷ୍ଟ ହିନ୍ଦୀ ସାହିତ୍ୟକାର । ତାଙ୍କୁ ମହାପଣ୍ଡିତ ଉପାଧିରେ ସମ୍ବୋଧନ କରାଯାଇଥାଏ । ସେ ଜଣେ ପ୍ରତିଷ୍ଠିତ ବହୁଭାଷାବିତ୍ ଥିଲେ । ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ ଭ୍ରମଣ କାହାଣୀ ତଥା ବିଶ୍ୱ ଦର୍ଶନ କ୍ଷେତ୍ରରେ ଲେଖନୀ ଚାଳନା କରି ବିଶେଷ ପ୍ରସିଦ୍ଧି ହାସଲ କରିପାରିଥିଲେ । ତାଙ୍କୁ ହିନ୍ଦୀ ଭ୍ରମଣ ସାହିତ୍ୟର ଜନକ ବୋଲି କୁହାଯାଇଥାଏ । ସେ ବୌଦ୍ଧ ଧର୍ମ ଉପରେ ଗବେଷଣା କରିଥିଲେ । ତିବ୍‌ବତ୍ ଠାରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ଭ୍ରମଣ କରିଥିଲେ । ଏହାଛଡ଼ା ସେ ମଧ୍ୟ ଏସିଆ ମଧ୍ୟ ଭ୍ରମଣ କରିଥିଲେ । ଭ୍ରମଣ କରିଥିବା ସ୍ଥାନରୁ ସେ ଅତି ଦୁର୍ଲ୍ଲଭ ଗ୍ରନ୍ଥ ସଂଗ୍ରହ କରିଥିଲେ । ସେହିସବୁ ଗ୍ରନ୍ଥ ଉପରେ ଗବେଷଣା କରି ସେ ବହୁ ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି । ସେ ଅନେକ ଭ୍ରମଣ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଜୀବନୀ ଲେଖିଯାଇଛନ୍ତି । ସେ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣୀତ ଥିଲେ । ସେଥିପାଇଁ ସେ ଲେନିନ୍, ଷ୍ଟାଲିନ୍, କାର୍ଲମାର୍କସ୍, ମାଓ ସେ ତୁଙ୍ଗଙ୍କ ଭଳି ବାମପନ୍ଥୀ ଦାର୍ଶନିକ ଜୀବନୀ ଲେଖିଥିଲେ । ସାଂକୃତ୍ୟାୟନଙ୍କ ସ୍ମୃତିରେ ଭାରତର ସରକାରଙ୍କ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ଭ୍ରମଣ ସାହିତ୍ୟକୁ ପ୍ରୋତ୍ସାହନ ଦେବା ଲାଗି ରାହୁଲ ସାଂକୃତାୟନ ଜାତୀୟ ପୁରସ୍କାର ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଭ୍ରମଣ ଗବେଷଣା କ୍ଷେତ୍ରକୁ ଅବଦାନ ପାଇଁ ମହାପଣ୍ଡିତ ରହୁଲ ସାଂକୃତାୟନ ୧୮୯୩ ମସିହା ଏପ୍ରିଲ ୯ ତାରିଖରେ ଉତ୍ତର ପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ପାଣ୍ଡହା ଗ୍ରାମରେ ଜନ୍ମ ନେଇଥିଲେ ।




ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨





### ସମାଧାନ

**ଯୋଗୀ କୃପାସିନ୍ଧୁ ମୁନି**



ଆରେ ମନ ମୋର ।
ଆରେ ମନ ମୋର
ସଦ୍‌ଗୁରୁ ବାକ୍ୟ ସଦା ଅନୁସର ।

ଏ ଅଟେ ମାନବ ଜୀବନର ଲକ୍ଷ୍ୟ
ଧର୍ମ ଅର୍ଥ କାମ ମୋକ୍ଷର ପ୍ରତିକ
ଅନିତ୍ୟ ଅଟଇ ଏ ସଂସାର ।

ଅଷ୍ଟାଙ୍ଗ ସାଧନେ ଉପଲକ୍ଷି ସତ୍ୟ
ଅଭ୍ୟାସ ବୈରାଗ୍ୟ ବୁଦ୍ଧିରୁ ଉଦ୍ଧୃତ
ନିଜକୁ ନିଜେ ଅଧ୍ୟନ କର ।

ସ୍ୱତନ୍ତ୍ର ବିଚାର ସାଧୁ ସଙ୍ଗ କର
ଯମ ନିୟମେ ପରିବର୍ତ୍ତନ ହୁଅ
ଆତ୍ମଜ୍ଞାନ ଉଦେ ହେବ ତୋର ।

ପ୍ରାଣୟାମୁଁ ପ୍ରତ୍ୟାହାର ହୋଇ ରତ
ଧାରଣେ ତ୍ରୀକୂଟୀ ଧ୍ୟାନେ ଅବସ୍ଥିତ
ସମାଧିରେ ହୋଇ ଯାରେ ସ୍ଥିର ।

ଅନୁଭବେ ସ୍ୱରୂପକୁ କରପ୍ରାପ୍ତ
ଶେଷ ସମାଧାନ ଲଭିବୁ ଅବଶ୍ୟ
କହେ କୃପାସିନ୍ଧୁ ଯୋଡ଼ିକର ।


♥ ଜୁଣବଳଦା,
ଗୋଡ଼ିଖାଲ ଆଶ୍ରମ, ବାଲେଶ୍ୱର




### ଯାଜପୁର ଶିରୋମଣି

**ସୁଶ୍ରୀ ସଙ୍ଗୀତା ସେଠୀ**



ଯାଜପୁର ଅଧିଷ୍ଠାତ୍ରୀ ତୁ ମା
ଯାଜପୁର ଶିରୋମଣି
ଅଭୟ ଦେଇଛୁ ତୋ ପଣତରେ
ଜଗତ ଯାଇଛି ଜାଣି।

ଏ ପୁର ବାସୀ ତୋ ଚରଣରେ
ନେଇ ଶରଣ ଚାଲେ ବାଟ
ତୁ ପରା କରିଛୁ ଘର ଏ ମାଟିରେ
ପାବନ ମାଟି, ଗୋଡ଼ି ଆଉ ତଟ।

ଜୀବନ ମରଣ ତୋ ଶରଣେ ଛାଡ଼ି
ଚାଲେ ଯାଜପୁର ବାସୀ
ମା ତୁ ପରା ଜଗତ ଜନନୀ
ଯାଜପୁର ସୁନାକଳସୀ।

ମାଟି ହୁଏ ସୁନା ତୋହରି ସ୍ପର୍ଶରେ
ତୋ ପାଦ ପାଉଁଜି ଶବଦେ
ଝୁମି ଉଠେ ଧରା, ଗଗନ, ପବନ
ତୋର ମମତା ଆବେଗେ।

ଥାଉ ତୋ ଆଶିଷ ଏତିକି ମାଗୁଣି
ଏ ସନ୍ତାନର ଅଳି ତୋ ପାଶେ
ଘଣ୍ଟ ଘୋଡ଼େଇ ରଖିଥା ଲୋ ମା
ଏ ଜଗତ ତତେ ଭରସେ।
ଜୟ ମା ବିରଜା।


♥ ବିଲିପଡ଼ା, ଯାଜପୁର


### ବୃକ୍ଷ ଅଟେ ପରା ଶ୍ରେଷ୍ଠ କାରୁଣିକ

**ରଘୁନାଥ ତ୍ରିପାଠୀ**



ବୃକ୍ଷ ଅଟେ ପରା ଶ୍ରେଷ୍ଠ କାରୁଣିକ
ଦୁନିଆରେ ଜାଣିବାର
କ୍ରମେ ବର୍ଦ୍ଧମାନ ହୋଇ ଚାଲନ୍ତି ସେ
ନ କରି କା ଅପକାର

କ୍ଳାନ୍ତ ଗୋରୁଙ୍କୁ ଦିଅନ୍ତି ଆଶ୍ରୟ
ପ୍ରସାରଣ କରି ଛାୟା
ପକ୍ଷୀ ମାନଙ୍କର ବଢାଏ କାକଳି
ବିସ୍ତାରିତ କରି କାୟା

ବିଭାବରୀ ଅନ୍ତେ ଯେବେ ଉଷାକାଳ
ଆସେ ଏ ଧରାଭୁବନେ
ଅରୁଣ କିରଣ ଛୁଅଁଇ ପ୍ରଥମେ
ତାଙ୍କୁ ଅତି ସନ୍ନିଧାନେ

ବିଭାବସୁଙ୍କର ଶେଷ ଆଲୋକକୁ
ଏମାନେ ପାରନ୍ତି ଧରି
ଯେତେବେଳ ଯାଏ ସନ୍ଧ୍ୟା ଆସିଥାଏ
ରାତ୍ରି ରୂପେ ଅବତରି

ରଜନୀ କାଳରେ ଚନ୍ଦ୍ର ଭାସମାନ
ହୋଇଲେ ଗଗନ ପରେ
ବୃକ୍ଷେ ଚଳମାନ ଡାଳ ପତ୍ରମାନ
ମୃଦୁ ଗୁଞ୍ଜରଣ କରେ

ସତେ ଅବା ତନ୍ଦ୍ରାବିଷ୍ଟ ଶିଶୁପାଇଁ
ଗାଏ ନାନାବାୟା ଗୀତ
ବୃକ୍ଷ ଅଟେ ପରା ଶ୍ରେଷ୍ଠ କାରୁଣିକ
ଯାହା ହେଲା ମୋତେ ଜ୍ଞାତ


♥ ବାଲିସାହି, ମଧୁପାଟଣା
କଟକ -୧୦
ମୋ: ୮୭୬୩୩୪୩୨୬୩


### ସମ୍ପର୍କ ଏ ସ୍ୱାର୍ଥର ସାଥେ

**ଯୁଧିଷ୍ଠିର କୁଅଁର**




ମୋ ଘରର ଏରୁଣ୍ଡି ଡେଇଁଲେ,
ପ୍ରିୟାର ପ୍ରଣୟ ପଣତ କାନିର
ଶତ ଶତ ଗଣ୍ଠି ଫିଟି ଯାଏ,
ଫାଟିଯାଏ-
ବିରହ ବାଦଲ ଖଣ୍ଡରେ ଢଙ୍କା
ମନର ଆକାଶ।
ଦୁଃଖର ଦୁଃସହ ବେଦନା
ଚେନାଏ ଚେନାଏ ମାଁଉସକୁ
ପୋଡ଼ି ଜାଳି ଧ୍ୱଂସ କଲାବେଳେ-
ତାର ଧୂମରେ
ବିସ୍ତାରିତ ଚକ୍ଷୁ ମୋର ମୁଦି ହୋଇଯାଏ,
ଅନ୍ଧ ହୋଇଯାଏ ଆଖି ଥାଇ।
ଅଣ୍ଡାଳି ଅଣ୍ଡାଳି
ବନ୍ଧନର ବନ୍ଧ ପାଖେ ଆଉଜି ଦେଖିଲେ
ଉତ୍ତର ଦିଗରେ
ଦପ୍ ଦପ୍ ହୋଇ ଧ୍ରୁବ ତାରା ଟିଏ,
ହାତ ଠାରି ଡାକୁ ଥାଏ
'ତାକୁ' ଓ 'ମୋତେ'..
ତୁହାଇ ତୁହାଇ କହେ..
କେହି ନୁହେଁ କାହାରି ଗୋ
'ସମ୍ପର୍କ ଏ ସ୍ୱାର୍ଥର ସାଥେ' ॥


♥ ଡଗରପଡା, ବାଲେଶ୍ୱର।
ମୋ: ୯୦୪୦୬୩୨୧୯୪









କାର୍ତ୍ତିକ ସାଇଁ


# ମିନା ଅପାଙ୍କ ରାମାୟଣ ଟୁକି (୩୪)

## ରାମଚନ୍ଦ୍ରଙ୍କ ଚିତ୍ରକୂଟରେ ପ୍ରବେଶ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାମାୟଣ ଏକମାତ୍ର ମହାନ ଗ୍ରନ୍ଥ ଯେଉଁଥିରେ ଭାରତୀୟ ନଦ, ନଦୀ ଓ ପର୍ବତ ଓ ପ୍ରକୃତିର ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ଶ୍ରୀରାମ ବନବାସ କାଳରେ ଜଣେ ପରିବ୍ରାଜକ ପରି ଭାରତର ବିଭିନ୍ନ ଭାଗର ପରିଦର୍ଶନ କରିଥିଲେ। ନିଜ ପତ୍ନୀ ଓ ଭ୍ରାତାଙ୍କ ସହିତ ସେ ଭାରତର ବିଭିନ୍ନ ଭାଗର ପ୍ରାକୃତିକ ଶୋଭା ପରିଦର୍ଶନ କରି ଚମତ୍କୃତ ହୋଇଥିଲେ। ରାମାୟଣ ମହାପୁରାଣରେ ପ୍ରାକୃତିକ ବର୍ଣ୍ଣନା ଅତୀବ ସୁନ୍ଦର। “ମିନା ଅପା ରାମାୟଣ କଥା ଆରମ୍ଭ କଲେ।



ରାମ, ଲକ୍ଷ୍ମଣ ଓ ଜାନକୀ ଯମୁନା ନଦୀ ପାର ହୋଇ ତା କୂଳେ କୂଳେ ଚାଲିବା ଆରମ୍ଭ କଲେ। ସେମାନଙ୍କ ଚିତ୍ରକୂଟରେ ପହଂଚିବାକୁ ପଡ଼ିବ। ବାଟରେ ତାଙ୍କ ଦୃଷ୍ଟି ଆକର୍ଷଣ କଲା ମନୋରମ ଗିରିଶୃଙ୍ଗ, ସୁନ୍ଦର ବନାନୀ ଓ ପଲ୍ଲବିତ ବୃକ୍ଷରାଜ। ଫଳ ଫୁଲରେ ଭରା ତରୁରାଜ ବନାନୀର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲେ।

ଫୁଲମାନଙ୍କ ଉପରେ ମଧୁମକ୍ଷୀ, ଜଙ୍ଗଲରେ ମୟୂର ମୟୂରୀ ଓ ଆମ୍ର ବୃକ୍ଷରେ କୋଇଲି- ଏ ସବୁ ଦୃଶ୍ୟ ଶ୍ରୀରାମଙ୍କ ମନ ମୋହିଥିଲା।

ଚାଲୁଚାଲୁ ସେମାନେ ବାଲ୍ମୀକିଙ୍କ ଆଶ୍ରମରେ ପହଂଚି ଯାଇଥିଲେ। ତାଙ୍କୁ ନିଜର ପରିଚୟ ଦେଇଥିଲେ ଶ୍ରୀରାମ। ବେଶ୍ ଆଗରୁ ବାଲ୍ମୀକି ଯୋଗବଳରେ ରାମଙ୍କ ବନବାସ କଥା ଜାଣିଥିଲେ।

ମୁଁ ସବୁ କଥା ଜାଣେ ପ୍ରିୟ ରାମ। ତୁମ ବନବାସର କାରଣ ମଧ୍ୟ ଜାଣେ। ବାଲ୍ମୀକି ଶ୍ରୀରାମଙ୍କୁ କହିଥିଲେ। ସେ ଏକଥା ମଧ୍ୟ ଶ୍ରୀରାମଙ୍କୁ କହିଲେ- ଚିତ୍ରକୂଟ ଏକ ପବିତ୍ର ଓ ସୁନ୍ଦର ଜାଗା। ଆପଣ ଏହି ଆଶ୍ରମ ନିକଟରେ ଏକ ପତ୍ର କୁଟୀର କରି ରୁହନ୍ତୁ।

ବାଲ୍ମୀକିଙ୍କ କଥା ଶୁଣି ରାମଚନ୍ଦ୍ର ବହୁତ ଖୁସି ହୋଇଥିଲେ। ତାଙ୍କୁ ଚିତ୍ରକୂଟ ଅରଣ୍ୟ ବହୁତ ଭଲ ଲାଗୁଥିଲା। ସେ ସଂଗେ ସଂଗେ ଲକ୍ଷ୍ମଣଙ୍କୁ ଏକ ପର୍ଣ୍ଣକୁଟୀର ନିର୍ମଣଣ କରିବାକୁ ନିର୍ଦ୍ଦେଶ ଦେଲେ।

ବାଲ୍ମୀକି ମୁନିଙ୍କ ଆଶ୍ରମଠାରୁ କିଛି ଦୂରରେ ଲକ୍ଷ୍ମଣ ଡାଳ, ପତ୍ର ଆଣି ଏକ ସୁନ୍ଦର କୁଟୀର ନିର୍ମାଣ କଲେ। ମୁନି ଋଷିଙ୍କ ବାସସ୍ଥାନ ପରି ଅନୁଜ ଲକ୍ଷ୍ମଣ ଶ୍ରୀରାମ ଓ ମା’ ସୀତାଙ୍କ ଲାଗି ସୁନ୍ଦର ଆଶ୍ରମ ପରି କୁଟୀର ନିର୍ମାଣ କଲେ।

କୁଟୀର ନିର୍ମାଣ ସରିଲା। ଲକ୍ଷ୍ମଣ ମୃଗୟାରେ ଗଲେ। ଜଂଗଲରୁ ଫଳ ମୂଳ ଆଣି କୁଟୀରରେ ରଖିଲେ। ଖାଦ୍ୟ ପ୍ରସ୍ତୁତ ପରେ ସେମାନେ ଆନନ୍ଦରେ ଖାଇଲେ। ମା’ ସୀତା ଜଙ୍ଗଲର ଶୋଭାରାଶି ଦେଖି ବହୁତ ଖୁସି ଥିଲେ। ତାଙ୍କ ସାଂଗରେ ଅଛନ୍ତି ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ।

ନିଦ୍ରା ଦେବୀଙ୍କୁ ଲକ୍ଷ୍ମଣଙ୍କ ଅନୁରୋଧ: ଜଂଗଲରେ ରାତି ଜଲଦି ଆସେ। କ୍ଳାନ୍ତ ଥିବା ରାମ ଓ ସୀତା ଶୋଇ ପଡ଼ିଲେ। ତାଙ୍କୁ ଜଗି ରହିଲେ ଅନୁଜ ଲକ୍ଷ୍ମଣ। କୁଟୀର ଦ୍ୱାର ଦେଶରେ ସେ ସଜାଗ ରହିଥିଲେ।

ରାତ୍ରିର ଦୁଇ ପ୍ରହର ପରେ ହଠାତ୍ ଲକ୍ଷ୍ମଣ ଅନୁଭବ କଲେ ତାଙ୍କୁ ନିଦ୍ରା ଦେବୀ ଘାରିବା ଆରମ୍ଭ କରୁଛନ୍ତି। ସୃଷ୍ଟିର ପ୍ରତ୍ୟେକ ଜୀବକୁ ସେ କୌଣସି ପ୍ରକାରେ କିଛି ସମୟ ଆକ୍ରମଣ କରି ତାଙ୍କୁ ବିଶ୍ରାମ ଦିଅନ୍ତି। ଏଇଟା ହେଉଛି ତାଙ୍କ ଧର୍ମ।

ମାତ୍ର ଲକ୍ଷ୍ମଣ ତ ଶପଥ ନେଇଥିଲେ ସେ ରାତ୍ରି ଉଜାଗର ହୋଇ ଭାଇ ଓ ମାତୃସମ ସୀତାଙ୍କୁ ସୁରକ୍ଷା ଦେବେ। ନିଦ୍ରା ଦେବୀଙ୍କ ଆକ୍ରମଣ ତାଙ୍କୁ ଆଦୌ ଭଲ ଲାଗିଲାନି।

ସେ ଉଠି ପଡ଼ିଲେ ଓ ନିଜ ଧନୁଶର ଧରି ପ୍ରସ୍ତୁତ ହୋଇଗଲେ ନିଦ୍ରା ଦେବୀଙ୍କୁ ପ୍ରତି ଆକ୍ରମଣ କରିବାକୁ। ଏହା ଦେଖି ନିଦ୍ରା ଦେବୀ ଡରିଗଲେ। ସେ ଜାଣନ୍ତି, ପୃଥିବୀର ହିତ ଲାଗି ସେ ଲୋକଙ୍କୁ ନିଦରେ ଶୁଆଇ ଦିଅନ୍ତି।

ସେ ଲକ୍ଷ୍ମଣଙ୍କୁ କହିଲେ-ବାବୁ, ସେ ପରି କରନି। ତୁମେ କଣ ଚାହୁଁଛ କୁହ।

ଲକ୍ଷ୍ମଣ କହିଲେ- ‘ହେ ନିଦ୍ରାଦେବୀ, ମୁଁ ପ୍ରତିଜ୍ଞା କରିଛି, ବନବାସ କାଳରେ ମୁଁ ରାମ ସୀତାଙ୍କ ସେବା କରିବି ଓ ରାତି ଉଜାଗର ହୋଇ ସେମାନଙ୍କୁ ଜଗିବସିବି। ତେଣୁ ଆମ ବନବାସ କାଳରେ ଆପଣ ମୋତେ କେବେ ନିଦ୍ରାରେ ଆକ୍ରାନ୍ତ କରିବେନି।

ନିଦ୍ରା ଦେବୀ ଖୁସିରେ ତଥାସ୍ତୁ କହିଲେ ଓ ଅନ୍ତର୍ଦ୍ଧାନ ହୋଇଗଲେ। ବିଶ୍ୱାସ କରାଯାଏ- ବନବାସର ସଂପୂର୍ଣ୍ଣ ଚଉଦ ବର୍ଷ ଲକ୍ଷ୍ମଣ ଶୋଇନଥିଲେ। ସୃଷ୍ଟିରେ ସନ୍ତୁଳନ ରଖିବାକୁ ଲକ୍ଷ୍ମଣଙ୍କ ପତ୍ନୀ ଉର୍ମିଳା ଚଉଦ ବର୍ଷ ଶୋଇ ରହିଥିଲେ।

ଆମେ ଏବେ ଅଯୋଧ୍ୟା ଖବର ଜାଣିବା। ମିନା ଅପା କଥାର ମୋଡ଼ ବଦଳାଇଲେ।

ମନ୍ତ୍ରୀ ସୁମନ୍ତ ଅଯୋଧ୍ୟାରେ ପହଂଚିଗଲେ ଓ ସଂଗେ ସଂଗେ ରାଜା ଦଶରଥଙ୍କ ସାମ୍ନାରେ ଉପସ୍ଥିତ ହେଲେ। ରାଜା ଦଶରଥ ଶୋକରେ ଥିଲେ ଓ ସେ କାହାର କଥା ଶୁଣୁନଥିଲେ। ମାତ୍ର ସୁମନ୍ତ ଆସିବା ଖବର ପାଇ ସେ ଆଗ୍ରହୀ ହେଲେ ତାଙ୍କ ପୁତ୍ର ଶ୍ରୀରାମ, ବୋହୂ ସୀତା ଓ ଲକ୍ଷ୍ମଣଙ୍କ କଥା ଜାଣିବାକୁ।

ପିଲାମାନଙ୍କ ବନବାସ କଥା ଶୁଣି ଦଶରଥ ବହୁତ ଦୁଃଖୀ ହେଲେ। ମାତ୍ର କୌଶଲ୍ୟା ଓ ସୁମିତ୍ରା ମଧ୍ୟ ଦୁଃଖୀ ହେଲେ। ମାତ୍ର ସେମାନେ ସମସ୍ତେ ଥିଲେ ସମୟର କ୍ରୀଡ଼ନକ।

ସେହି ସମୟରେ କୌଶଲ୍ୟା ଦଶରଥଙ୍କୁ ଧୈର୍ଯ୍ୟ ଧରିବାକୁ କହିଥିଲେ ଓ କହିଥିଲେ ଚଉଦ ବର୍ଷ ପରେ ରାମ, ଲକ୍ଷ୍ମଣ ଜାନକୀ ଫେରିଆସିବେ ଓ ଅଯୋଧ୍ୟାକୁ ପୁଣି ଖୁସୀ ଫେରି ଆସିବ। ରାଜା ଦଶରଥ ରାଣୀଙ୍କୁ ଅନ୍ଧମୁନିଙ୍କ ଅଭିଶାପ କଥା କହିଥିଲେ ଓ ଏକଥା ମଧ୍ୟ କହିଥିଲେ ଯେ ପୁତ୍ର ମୁଖ ନଦେଖି ତାଙ୍କର ମୃତ୍ୟୁ ହେବ। ତାଙ୍କ କଥା ଶୁଣି ରାଣୀମାନେ କାନ୍ଦିବା ଆରମ୍ଭ କରିଥିଲେ। ମିନା ଅପା ରାମାୟଣ କଥା ଏଇଠି ରଖିଥିଲେ।

(କ୍ରମଶଃ)

(ମୋ) ୯୯୮୦୩୦୦୭୫୧

---

କବିତା

ତୁମ ପାଇଁ

## କୁନି ପରୀ ଆମ କୁନି ପରୀ

### ତାରାପ୍ରସାଦ ଜେନା

କୁନି ପରୀ ଆମ କୁନି ପରୀ
କହୁଥାଏ କଥା ମହୁ ଭଳି ମିଠା
ସୁନା ଝିଅ ସିଏ ହସକୁରୀ !

କୁନି ପରୀ ଆମ କୁନି ପରୀ
କାହା ସଙ୍ଗେ କେବେ କରେ ନାହିଁ କଳି
ଆଲୋକର ଆଶା ଫୁଲଝରି !

କୁନି ପରୀ ଆମ କୁନି ପରୀ
ଡିଆଁ ଡେଇଁ ଖେଳେ ସାଙ୍ଗ ସାଥୀ ମେଳେ
ଖୁସି ବାସି ନାଚେ ହାତ ଧରି !

କୁନି ପରୀ ଆମ କୁନି ପରୀ
ଲୁହ ଦେଖିଦେଲେ କୋହ ଉଠେ ଭଲା
ସାହା ଲାଗି ତା’ର ବାହାଦୁରୀ !

କୁନି ପରୀ ଆମ କୁନି ପରୀ
ଦେହ ଦୁଃଖେ କେହି ପଡ଼ିଯାଇଥିଲେ
ସେବା ପଣେ ଥାଏ ମନ ଭରି !

କୁନି ପରୀ ଆମ କୁନି ପରୀ
ବିଦ୍ୟା ବୁଦ୍ଧି ବଳେ କେତେ କଉଶଳେ
ଦୁଃଖ ଦୈନ୍ୟ ଯେତେ ଦେବ ସାରି !

କୁନି ପରୀ ଆମ କୁନି ପରୀ
ବଡ଼ ହେଲେ ଆଉ ଭଲ କାମ କରି
ଦେଶ ଦଶ ପାଇଁ ହେବ ଶିରୀ !

+ରାଜ ରଣପୁର,ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
(ମୋ) ୯୩୪୮୦୫୪୩୦୦

---

## ପଢିବାକୁ ବାକୁ ଦିଅ ଛାଡ଼ି

### ଶିଶିର କୁମାର ପଣ୍ଡା

ଦୀପା ସିପୁ ବସି ପାଠ ପଢୁଥିଲେ
ଦୀପାକୁ ଡାକିଲା ଆଇ
କହିଲା, ହଇଲୋ ପାଠ ତୁ କାହିଁକି
ଭାଇ ପାଖେ ପଢୁ ଯାଇ ?

ପାଠ ପଢ଼ି ତୁହି କି ଲାଭ କହିଲୁ
ସରଗ କାହାକୁ ନବୁ
ଝିଅ ହୋଇ ଯଦି ପାଠ ତୁ ପଢ଼ିବୁ
ଖାଲି ବଦନାମ ହବୁ ।

ଘର କାମ ତେଣେ କାହିଁରେ କେତେଯେ
ସେକଥା ଦିଶୁନି ତତେ
ପାଠ ପଢ଼ି ଭାବୁ ଡାକତର ହବୁ
ମରଣ ନାଇଁଲୋ ମତେ !

ଆର ଘରେ ଥାଇ ସବୁ ଶୁଣୁଥିଲେ
ମୋ ମାଉସୀ ପୁଅ ଭାଇ
ପଦାକୁ ଆସିକି କହିଲେ, ହଇଲୋ
ପାଗଳୀ ହେଲୁ କି ଆଇ ?

ଝିଅ ମାନଙ୍କୁ ତୁ କଅଣ ଭାବୁଛୁ
ନାହିଁତ ସେ ଯୁଗ ଆଉ
କିଛି ନ ଜାଣିକି ଦୀପାଟା ଉପରେ
ହେଉ ଖାଲି ରାଉରାଉ !

ଆଜିକା ଯୁଗରେ ପୁଅ ଠାରୁ ଝିଅ
କେଉଁଠି କଅମ ନୁହେଁ
ଇଛାଶକ୍ତି ଥିଲେ, ସୁଯୋଗ ପାଇଲେ
ଜହ୍ନ ରାଇଜକୁ ଛୁଏଁ ।

ପୁଅ ଝିଅ କିଛି ଫରକ ନ ଦେଖି
ପଢ଼ିବାକୁ ଦିଅ ଛାଡ଼ି
ଝିଅ ଖାଲି ଘର କାମ ଯେ କରିବ
ଏକଥା ମନରୁ କାଢ଼ି ।

କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮

---



ବିନୟ କୁମାର ଦାସ

# ମୋ ସାନ ଭଉଣୀର ଜନ୍ମଦିନ




“ ମମି..ମୋ ଡ୍ରେସ୍ କେବେ କିଣା ହେବ କି ?” ଲିଲି ଗେହ୍ଲେଇ ହୋଇ ପଚାରିଲା ।

“ କାଲି ପରା କହିଥିଲି ଶନିବାର ଦିନ ତୁ ଆମ ସାଙ୍ଗରେ ବଜାରକୁ ଯିବୁ..ତୋ ପସନ୍ଦର ଡ୍ରେସ୍ ତୁ କିଣିବୁ ।” କହିଲେ ନନ୍ଦିତାଦେବୀ ।

“କହିଥିଲୁ ଯେ...ହେଲେ ମୁଁ କଣ କହୁଥିଲି କି... ତା ଆଗରୁ କଣ ତୋର ମୋର ଯାଇ କିଣିପାରିବା ନି ?”

“ ପାରିବା । କିନ୍ତୁ ସେଦିନ ସପିଙ୍ଗ୍ କରିବା ପାଇଁ ତୋ ବାପାଙ୍କ ସହିତ କଥା ହୋଇ ସାରିଛି ତ... ତୁ ଏତେ ବ୍ୟସ୍ତ ହେଉଛୁ କଣ ପାଇଁ ? ତୋ ଜନ୍ମଦିନ ତ ବୁଧବାର । ଆମେ ତା ଆଗରୁ ତୋ ଡ୍ରେସ୍ ନେଇଆସିବା ନି.. ?”

“ହଉ । ଆଚ୍ଛା ମମି..ସେଦିନ ମୋର ବହୁତ ସାଙ୍ଗସାଥୀ ଆସିବେ । ଆମ ସ୍କୁଲ ର ସାର୍ ଆଉ ମାଡାମମାନେ ବି ଆସିବେ । ଏ ବାରଣ୍ଡା ରେ ଯେଉଁ ଫୁଲକୁଣ୍ଡସବୁ ବସିଛି, ସେଗୁଡା କେମିତି ଅପରିଷ୍କାର ହୋଇ ଗଲାଣି, ତୁ ଲକ୍ଷ୍ୟ କରିଚୁ କି ନାହିଁ । ”

“ ହଁ , ଜାଣିଛି । ଆସନ୍ତାକାଲି ଜଣେ ଲୋକକୁ ଡାକି ସେତକ କୁଣ୍ଡ ସଫା କରି ରଂଗ ଦେଇଦେବି ।”

“ ତାହାଲେ ଖୁବ୍ ଭଲ ହେବ ।”

“ ମୋ ଗେହ୍ଲୀ ଝିଅ ଲିଲିର ଜନ୍ମଦିନ...ଏତକ ମୁଁ କରିବି ନାହିଁ ? ତୁ ପୁଣି ମୋତେ ମନେ ପକାଇବୁ ? ”

ତହିଁ ପରଦିନ ନନ୍ଦିତାଦେବୀ ଘର ସାମ୍ନା ଗେଟ୍ ପାଖରେ ଛିଡା ହୋଇ ରହିଲେ । ସେଇ ବାଟେ ଦଳ ଦଳ ହୋଇ ଦିନ ମଜୁରିଆ ଆଗ ଛକକୁ ଯାଆନ୍ତି । ସେଇଠୁ ସେମାନଙ୍କୁ ଯାହାର ଲୋକ ଦରକାର କିଛି କାମ ପାଇଁ, ସେମାନଙ୍କ ସହିତ ମଜୁରି ବା ପାରିଶ୍ରମିକ ମୂଲଚାଲ କରି ନିଜ ଘରକୁ ନେଇ ଯାଆନ୍ତି । ସେ ଜଣେ ଦୁଇଜଣଙ୍କୁ ଡାକି କଥା ହେଲେ । କିନ୍ତୁ ଏତିକି କମ୍ କାମ ପାଇଁ କେହି ରାଜି ହେଉ ନ ଥାନ୍ତି । ଜଣେ ଦଶ ବାର ବର୍ଷର ବାଳକଟିଏ ଆସିଲା ତାଙ୍କ ପାଖକୁ । କହିଲା, “ ମାଆ, ତୁମେ ଯେଉଁ କାମ କହୁଚ , ସେତକ ମୁଁ କରିଦେବି । ଆପଣ ଯଦି କହିବେ ତ..”

“ ତୁ କାମ କରିବୁ ? ଏତେ ସାନ ପିଲାଟା..ତୁ କଣ କାମ କରିବୁ ?”

“ କହିଲି ତ କରିଦେବି । ଆପଣ ଖାଲି ହଁ କୁହନ୍ତୁ । ଆପଣ କହୁଛନ୍ତି ଦଶଟା କୁଣ୍ଡରୁ ଘାସ ବାଛି ସାରି ସେଥିରେ ରଂଗ ମାରିଦେବା ପାଇଁ ...ଏଗୁଡା ସେମିତି କିଛି କଷ୍ଟ କାମ ନୁହେଁ। ମୁଁ କରି ଦେଇ ପାରିବି ।”

ସେ ପିଲାଟିକୁ ଆଉ ଥରେ ଭଲ କରି ଦେଖିଲେ । ତା ଆଖିରେ କେମିତି ଏକ ଚମକ ଖେଳୁଥିଲା । ନିତିଦିନିଆ କାମ କରୁଥିବା ମୂଲିଆ ଛୁଆ ପରି ଦେଖା ଯାଉନଥିଲା ସିଏ । ତେବେ...କଣ ହୋଇପାରେ ?

“ ତୁ କଣ ଏମିତି ପରଘରେ ନିତି କାମ କରୁଛୁ ?”

“ ନା , ମାଆ, ଆଜି ଆସିଛି ।”

“ ପାଠ ପଢୁନୁ ? ମାନେ ସ୍କୁଲକୁ ଯାଉନୁ ?”

“ ଯାଉଛି ମା, ଷଷ୍ଠ ଶ୍ରେଣୀରେ ପଢୁଛି ।”

“ ପୁଣି କାମ କରିବାକୁ ଆସିଛୁ ଯେ..।”

ଏ ପ୍ରଶ୍ନ ଶୁଣି ପିଲାଟି କିଛି କହିଲା ନାହିଁ । ଚୁପ୍ ଚାପ୍ ଛିଡା ହୋଇ ରହିବାରୁ ସେ ପଚାରିଲେ , “ କିଛି କହୁନୁ କାହିଁକି ?”

“ କହିଲେ କଣ ହେବ ? ଆପଣ ତ ମୋତେ କାମ ଦେବେ ନାହିଁ । ମୁଁ ଯାଉଛି । ଅନ୍ୟ କୋଉଠି ଦେଖିବି ।”

“ ତୁ ଆଗ ସତକଥା କହ , ମୁଁ ତୋତେ କାମ ଦେବି । କିନ୍ତୁ ମିଛ କହିଲେ ମୁଁ ଜାଣିଯିବି ଆଉ କାମ ବି ଦେବିନାହିଁ ।”

“ ମିଛ କହିବି ନି ମା । ସତ କଥା ହେଲା, ମୋ ସାନ ଭଉଣୀର ଜନ୍ମଦିନ ପାଇଁ ସେ ଜିଦ୍ କରିଛି ଗୋଟିଏ ନୂଆ ଫ୍ରକ୍ ଆଣିଦେବା ପାଇଁ ।”

“ ତ..ତୋର ସେଥିରେ ମୁଣ୍ଡ ଖେଳାଇବା କଣ ଦରକାର । ତା ପାଇଁ ତୋ ବାପା ତ ଆଣିଦେବେ ।”

“ ବାପା ମୋର ନାହାନ୍ତି ମା । ସେ ତିନି ବର୍ଷ ହେଲା ଆମକୁ ଛାଡି ଆରପୁରକୁ.. ”

“ ଓହୋ..ଆଚ୍ଛା ତୋ ମାଆ ?”

“ ସେ ଜଣେ ରାଜମିସ୍ତ୍ରୀ ପାଖରେ କୁଲି କାମ କରେ । ସବୁଦିନ କାମକୁ ଯାଇପାରେନି । ତା ଦେହ ଭଲ ରହୁନି ତ..ତେବେ ଯେତିକି ଯାହା ମଜୁରୀ ପାଏ, ସୁଖେଦୁଃଖେ ଆମେ ଚଳି ଯାଉ । ସାନ ଭଉଣୀ ଏସବୁ ଅସୁବିଧା ବୁଝି ପାରିବ ନାହିଁ । ମୁଁ ଜାଣିଛି ମା କେବେ ହେଲେ ତା ପାଇଁ ଫ୍ରକ୍ କିଣି ପାରିବ ନାହିଁ । ତେଣୁ ମୁଁ ଭାବିଛି , ଦୁଇ ତିନି ଦିନ କାମ କରି ଯେତିକି ପାଇବି , ସେଥିରେ ତା ପାଇଁ ଗୋଟେ ଶସ୍ତାରେ ଫ୍ରକ କିଣିଦେବି । ସେ ଖୁସି ହେଲେ ମୋର ଖୁସି । ସେଇଥିପାଇଁ ... ”

“ ହଉ, ଆ ମୋ ସହିତ । ତୋତେ କାମ ବତାଇ ଦିଏ..।” ପିଲାଟିର କଥା ଶୁଣି ତାଙ୍କ ହୃଦୟ ତରଳି ଯାଇ ଥିଲା ସେତେବେଳକୁ । ସେ ଚାହୁଁ ନ ଥିଲେ ଏତେ କମ୍ ବୟସର ପିଲାକୁ କିଛି କାମରେ ଲଗାଇବା ପାଇଁ । କିନ୍ତୁ ପୁଣି ଭାବିଲେ ଏତକ କରି ସେ ନିଶ୍ଚୟ ତା ମନର କାମନାକୁ ପୂରଣ କରିବାରେ ସାହାଯ୍ୟ କରି ପାରିଲେ ତାଙ୍କୁ ବି ବହୁତ ଖୁସି ଲାଗିବ । ତାକୁ କାମ ବତାଇ ଦେଇ ସେ ଘର ଭିତରକୁ ଚାଲିଗଲେ ଆଉ କିଛି ସମୟ ପରେ ତା ପାଇଁ କିଛି ଜଳଖିଆ ନେଇ ଆସି ତାକୁ ଦେଲେ ।

“ ଏତକ ଖାଇ ନେ ଆଗ । ତାପରେ କାମ କରିବୁ ।” ପିଲାଟାକୁ ଭୋକ ଲାଗିଥିଲା । ସେ କିଛି ନ କହି ଖାଇନେଲା । ତାପରେ କୁଣ୍ଡରୁ ଘାସ ବାଛିବାକୁ ଲାଗିଗଲା ।

ଅଧ ଘଂଟାଏ ପରେ ନନ୍ଦିତା ଦେବୀ ଆସି ତାକୁ କହିଲେ..“ ତୁ କାମ କରୁଥା । ମୋର ଏକ ଜରୁରୀ କାମ ପଡିଗଲା , ମୁଁ କିଛି ସମୟ ପରେ ଫେର ଆସିବି । ମୁଁ ଆସିଲେ ତୋତେ ତୋ ପାରିଶ୍ରମିକ ଦେବି । ଆଚ୍ଛା , ତୋ ଭଉଣୀର ବୟସ କେତେ କହିଲୁ ?”

“ ସାତ ବର୍ଷ ।”

ତାପରେ ସେ କାର୍ ନେଇ ବାହାରକୁ ଚାଲିଗଲେ ।

ସେ ବଜାରରୁ ଫେରିବା ବେଳକୁ ପିଲାଟି ତାକୁ ଦିଆ ଯାଇଥିବା କାମ ସାରି ଦେଇ ସାରିଥାଏ । ରଂଗରେ ଚମକି ଉଠୁଥିବା ଫୁଲକୁଣ୍ଡ ଦେଖି ସେ ବହୁତ ଖୁସି ହୋଇ ଗଲେ । ସେ ଘର ଭିତରକୁ ଗଲେ । କହିଲେ, “ ବାନୁରେ ବହୁତ ଡେରି ହେଲାଣି । ତୋତେ ଭୋକ ଲାଗିବଣି । ଯା , ହାତ ଗୋଡ ଧୋଇ ଆ । ଭାତ ଖାଇ ଦେଇ ଘରକୁ ଚାଲିଯିବୁ ।”

“ ନା ମା । ମୁଁ କିଛି ଖାଇ ପାରିବି ନାହିଁ । ଗଲେ ମାଆକୁ ଟିକେ ରନ୍ଧାରେ ସାହାଯ୍ୟ କରିବି । ତା ଦେହ ଭଲ ନାହିଁ । ମୋତେ ଯାହା ପଇସା ଦେବେ ଦିଅନ୍ତୁ ।”

“ ହଉ , ତୋର ଯେମିତି ଖୁସି । ବେଶ୍ ମୁଁ ଘରୁ ଆସୁଛି ।”

ସେ ଘର ଭିତରକୁ ଗଲେ । ପିଲାଟି ତା ହାତଗୋଡ ଧୋଇ ନେଲା । ନନ୍ଦିତା ଦେବୀ ଆସି ପିଲାକୁ ଶହେ ଟଙ୍କା ଦେଇ ଦୁଇଟା ପେକେଟ୍ ଦେଲେ ।

ଶହେଟଙ୍କା ଦେଖି ସେ କହିଲା , “ ମା’, ଏତେ ଟଙ୍କା ? ମୋତେ ମୋ ପାରିଶ୍ରମିକ ପଚାଶ ଟଙ୍କା ଦିଅନ୍ତୁ । ଆଉ ଏ ପେକେଟ୍ କଣ ? କଣ ଅଛି ସେଥିରେ ?”

“ ମୁଁ ଯାହା ଦେଲି, ନେଇ ନେ । ମୋ ଖୁସିରେ ମୁଁ ତୋତେ ଦେଇଛି । ହଁ , ଏଥିରେ ତୋର ଆଉ ତୋ ଭଉଣୀର ନୂଆ ଡ୍ରେସ୍ ରହିଛି । ତୋ ମାଆ ପାଇଁ ବି ଗୋଟେ ଶାଢୀ ରହିଛି ପେକେଟ୍‌ରେ । କିଛିମିଠେଇ ବି ରହିଛି ତା ଭିତରେ ।”

ସେ ପେକେଟ୍ ଧରି ପିଲାଟି ଭୋ ଭୋ କାନ୍ଦିବାକୁ ଲାଗିଲା । କହିଲା , “ ଆପଣ ମୋ ପାଇଁ ଦେବୀ ମା । ମୋ ପାଇଁ ଭଗବାନ ଆପଣ । ”

“ ହଉ , ତୁ ଜଲଦି ଘରକୁ ଯା । ମୋତେ ଏତେ ପ୍ରଶଂସା କରିବା ଦରକାର ନାହିଁ ।”

ପେକେଟ୍‌ଗୁଡିକ ଧରି ସେ ନନ୍ଦିତାଦେବୀଙ୍କ ପାଦଛୁଇଁ ଜୁହାର ହେଲା ଆଉ ଧୀରେଧୀରେ ସେଠାରୁ ଚାଲିଗଲା ନିଜ ଘରକୁ ।

ନନ୍ଦିତା ଦେବୀ ମନେ ମନେ ଖୁସି ହେଉଥିଲେ ଯାହା ହେଉ ସେ ଆଜି ଯେତକ କଲେ ଆଉ ମାନସିକ ଶାନ୍ତି ପାଇଲେ , ହୁଏତ ଜାକଜମକ ସହିତ ନିଜ ଝିଅ ଲିଲିର ଜନ୍ମଦିନ ପାଳନ କରି ସେତକ ପାଇ ପାରି ନଥାନ୍ତେ ।

+ଅଂଗାରଗଡିଆ, ବାଲେଶ୍ୱର -୧
ମୋ- ୭୯୭୮୮୬୦୩୬୩

---



# କୁହୁକ ଗାଲିଚା

## ନଗେନ୍ଦ୍ର ନାଥ ପଟ୍ଟନାୟକ



ଢେର ରାତିଯାଏ ହୋଟେଲରେ କାମ କରୁଥିବାବେଳେ ପବନିର ଆଖିପତା ବୁଜି ହୋଇଗଲା । ଏତିକିବେଳେ ଭୁବନିର ପଦଶବ୍ଦ ତା କାନରେ ବାଜିଲା । କୁହୁକ ଗାଲିଚାରେ ଉଡିଆସି ପବନି ପାଖରେ ହାଜର ହୋଇଗଲା ଭୁବନି । ତା ସାଙ୍ଗରେ ଥିଲେ ଚିକମିକ୍ ଡେଣା ହଲାଉଥିବା ଝଲମଲ ଦିଶୁଥିବା ଦୁଇଜଣ ପରୀ ଭଉଣୀ । ପବନି ତଳକୁ ଓହ୍ଲାଇବା ମାତ୍ରେ ଭୁବନି ତା ହାତଧରି ଉଠାଇଲା ଓ ତାକୁ କୁହୁକ ଗାଲିଚା ଉପରେ ବସାଇଦେଲା । ଝିଲିମିଲି ତାରାଭରା ଆକାଶରେ କୁକୁକ ଗାଲିଚା ଉଡିବାକୁ ଲାଗିଲା । ଦୁହେଁ ଖୁବ୍ ନିକଟକୁ ଆସି ଜହ୍ନମାମୁ ଓ ମିଟିମିଟି ତାରାମାନଙ୍କୁ ଆଖି ପୂରେଇ ଦେଖିଲେ । ଖୁସିରେ ସେମାନଙ୍କ ମନ ଝୁମିଉଠୁଥାଏ । ଏପଟେ ଜଣେ ପରୀ ଭଉଣୀ କୁକୁହ ଛଡିରେ ଗାଲିଚାକୁ ଘୂରାଇଥାଏ ଆଉ ସେପଟେ ଆର ଜଣକ ବାଜା ବଜାଉଥାଏ ।

ଦୁଇ ପରୀ ଭଉଣୀ ସେମାନଙ୍କୁ ପ୍ରଶଂସା କରି କହିଲେ-ତୁମେ ଦୁହେଁ ତ ବହୁତ ଭଲ । ଅନ୍ୟମାନଙ୍କ ସେବା ଯତ୍ନ କରୁଛ । ଏଥିରେ ପ୍ରସନ୍ନ ହୋଇ ଆମେ ତୁମ ଦୁହିଁଙ୍କୁ ବରଦାନ କରିବାକୁ ଚାହୁଁଛୁ । ତୁମେ ଯାହା ଚାହଁ ତାହା ମାଗିନିଅ । ଦୁଇ ପରୀ ଭଉଣୀ ମୁହଁରୁ ବରଦାନ କଥାଟି ଶୁଣି ପବନି କହିଲା - କେହି ଜଣେ ବି ପିଲା ଅନାଥ ନ ହୁଅୁ ଓ ତାକୁ ସାନବେଳୁ ଯେମିତି କାମ କରିବାକୁ ନ ପଡୁ । ପରୀ ଭଉଣୀ ଦୁହେଁ ଭୁବନିକୁ ପଚାରିଲାରୁ ସିଏ ବି ଏକା କଥାକୁ ଦୋହରାଇଲା । ପୁଣି ସେଥିରେ କଥାଟିଏ ଯୋଡି କହିଲା - ମୁଁ ଚାହେଁ ପ୍ରତିଟି ପିଲା ତା ନିଜ ଘର ଭିତରେ ହିଁ ରହୁ । ସେଇଠୁ ପରୀ ଭଉଣୀ ଦୁହେଁ କହିଲେ - ତମେ ଦୁହେଁ ବଡ ହୋଇ ଭଲ ମଣିଷ ହୁଅ ଓ ସମାଜରେ ନିଜର ଟେକ ବଜାୟ ରଖ । ତମେମାନେ ନିଜପାଇଁ କିଛି ବର ମାଗିଲ ନାହିଁ । ଘରକୁ ଯାଇ ଖୁସିବାସିରେ ବାପା ମାଆ ପାଖରେ ରୁହ । ସେମାନଙ୍କୁ ବରଦାନ କରିସାରିବା ପରେ ପରୀ ଭଉଣୀ ଦୁହେଁ ତାଙ୍କ ବାଟରେ ଝଲମଲ ଡେଣା ଯୋଡିକ ଝାଡି ଉଡିଗଲେ । ଏତିକିବେଳେ ହୋଟେଲ ମାଲିକ ସେମାନଙ୍କୁ ଗାଢ ନିଦରୁ ଉଠେଇ ଦେଇ କହିଲା -ଜଣେ ଦମ୍ପତି ତୁମ ଦୁହିଁଙ୍କୁ କୋଳେଇ ନେବା ପାଇଁ ଆସିଥିଲେ । ଏଣିକି ତୁମେ ଦୁହେଁ ହୋଟେଲରେ ନ ରହି ଘରେ ରହିବ । ହେଟେଲ ମାଲିକ ତୁଣ୍ଡରୁ କଥା ପଦକ ଶୁଣି ପବନି ଓ ଭୁବନି ଦୁହେଁ ଖୁସିରେ ଗଦଗଦ ହୋଇଉଠିଲେ ।

+ ୯୯୯-୩,ଜଗମୋହନ ନଗର,ଜାଗମରା,ଖଣ୍ଡଗିରି
ଭୁବନେଶ୍ୱର, ମୋ-୯୪୩୮୩୩୨୧୩୮

# ଜଳସେଚନ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ବାଧକ : ବିଜେପି

ଭୁବନେଶ୍ୱର,୦୮/୦୪ (ନି.ପ୍ର): ଗ୍ରୀଷ୍ମ ଋତୁ ଆରମ୍ଭରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ବର୍ତ୍ତମାନ ଜଳ ସମସ୍ୟା ଦେଖାଦେଉଛି ।୨୨ବର୍ଷ ଶାସନ କ୍ଷମତାରେ ରହି ମଧ୍ୟ ଜଳ ସଂରକ୍ଷଣ ବ୍ୟବସ୍ଥାରେ ଫେଲ ହୋଇଥିବା ନବୀନ ସରକାର ରାଜ୍ୟରେ ସାମାନ୍ୟ କେନାଲଟିଏ ମଧ୍ୟ ନିର୍ମାଣ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ୩୫% ଜମି ଜଳସେଚନ ନାଁରେ ବିଜେଡି ସରକାର ପ୍ରହେଳିକା କରିଆସୁଛନ୍ତି । ୨୦୦୩ରୁ ଫାଇଲ ଚାଷ ଆରମ୍ଭ କରି ୨୦୦୬ରେ ରାଜ୍ୟପାଳଙ୍କ ଭାଷଣରେ ପ୍ରତି ବ୍ଲକରେ ଅତି କମ୍‌ରେ ୩୫% ଜଳସେଚନ କଥା କହିଥିଲେ ନବୀନ ସରକାର । ଆଜି ୨୦୨୨ରେ ମଧ୍ୟ ରାଜ୍ୟରେ ଜଳସେଚନ କେବଳ କାଗଜ କଲମରେ ସେହି ୩୫%ରେ ଅଟକି ଯାଇଛି । ଏପରିକି କେତେ ଜମି ଜଳସେଚିତ ହୋଇଛି, ତାହାର ତଥ୍ୟ ମଧ୍ୟ ରାଜ୍ୟ ସରକାରଙ୍କ ନିକଟରେ ନାହିଁ । ରାଜ୍ୟ ସରକାର ବାଧକ ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ ଅଭିଯୋଗ ଆଣିଛନ୍ତି । କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ଓଡିଶା ରାଜ୍ୟକୁ ଜଳ ସେଚନ ପ୍ରକଳ୍ପ ବାବଦରେ ୮୪୩କୋଟି ଟଙ୍କା ଦେଇଥିଲେ । କିନ୍ତୁ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଟଙ୍କା ଫେରିଗଲା ବୋଲି ସଦ୍ୟ ପ୍ରକାଶିତ ସିଏଜି ରିପୋର୍ଟରେ ଉଲ୍ଲେଖ ହୋଇଛି । ଅଯଥା ବିଳମ୍ବ କାରଣରୁ ପ୍ରସ୍ତାବିତ ପ୍ରକଳ୍ପଗୁଡିକର ମୂଲ୍ୟ ଅଯଥାରେ ବହୁ ଗୁଣା ବୃଦ୍ଧି ପାଇସାରିଛି । ଏହି ଅନାବଶ୍ୟକ ଆର୍ଥୀକ ବୋଝ ସାଧାରଣ ଓଡିଶାବାସୀଙ୍କ ଉପରେ ଲଦି ଦେଉଛନ୍ତି ରାଜ୍ୟ ସରକାର ବୋଲି ଶ୍ରୀ ମଲ୍ଲିକ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି କାରଣରୁ ରାଜ୍ୟରେ ବର୍ଷାଜଳ ସଂରକ୍ଷଣ ହୋଇପାରୁନାହିଁ ଏବଂ ୮୦ ରୁ ୯୦% ବର୍ଷା ଜଳ ବ୍ୟବହାର ଉପଯୋଗୀ ହୋଇନପାରି ସିଧାସଳଖ ସମୁଦ୍ରରେ ମିଶୁଛି । ଛତିଶଗଡ଼ର କଲମା ବ୍ୟାରେଜ ଲାଗି ଓଡ଼ିଶାର ନଦୀରେ ଏବେ ପାଣି କମିବାରେ ଲାଗୁଛି । ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗରୁ ଓଡ଼ିଶା ଦେଇ ପ୍ରବାହିତ ବିଭିନ୍ନ ନଦୀ ଜରିଆରେ ରାଜ୍ୟକୁ ୩୫.୫୬ଶହ କୋଟି ଘନମିଟର ଜଳ ପ୍ରବେଶ କରୁଛି । ମାତ୍ର ରାଜ୍ୟ ସରକାରଙ୍କ ଅବ୍ୟବସ୍ଥିତ ଜଳ ସଂରକ୍ଷଣ କାରଣରୁ ୨୦୨୫ବେଳକୁ ଏହି ପରିମାଣ ୨୫.୨୭ଶହ କୋଟି ଘନମିଟରକୁ ହ୍ରାସ ପାଇବାର ଆଶଂକା ସୃଷ୍ଟି ହୋଇଥିବାବେଳେ ରାଜ୍ୟ ସରକାରଙ୍କ ସେଥିପ୍ରତି ଆଦୌ ଧ୍ୟାନ ନାହିଁ । କୃଷି କ୍ଷେତ୍ରରେ ୭୮% ବା ୧୦୩୬କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ରାଜ୍ୟ ସରକାର ହରାଇଛନ୍ତି । ୨୦୨୧ ମସିହାରେ ଓଡ଼ିଶାର କୃଷକମାନଙ୍କ ପାଇଁ ୧୩୩୪କୋଟି ଟଙ୍କାର ବଜେଟ ବ୍ୟବସ୍ଥା ରହିଥିଲା । ୨୦୨୧ରେ ଆର୍ଥିକ ବର୍ଷଶେଷ ସୁଦ୍ଧା ଓଡ଼ିଶାରେ ୨୯୮କୋଟି ଟଙ୍କା କୃଷକ ଫଣ୍ଡକୁ ମିଳିଲା । ମାତ୍ର ରାଜ୍ୟସରକାରଙ୍କ ଅପାରଗତା କାରଣରୁ ବର୍ଷ ଶେଷ ସୁଦ୍ଧା ସମୁଦାୟ ଆର୍ଥିକ ଅନୁଦାନର ମାତ୍ର ୧୨ ପ୍ରତିଶତ ଖର୍ଚ୍ଚ ହୋଇଥିଲା । ଜଗତସିଂହପୁର ଜିଲ୍ଲାରେ ମହାନଦୀ, ଦେବୀ, ଚିତ୍ରୋତ୍ପଳା ଓ ପାଇକା ନଦୀରେ ପାଣି ନାହିଁ । ଏହି ନଦୀ ଗୁଡ଼ିକ ପୋତି ହୋଇଯାଇ ଥିବାବେଳେ ଗ୍ରୀଷ୍ମ ଦିନରେ ଶୁଖି ଯାଉଛି । ରାଜ୍ୟ ସରକାର ଏହି ନଦୀଗୁଡ଼ିକ ଖୋଳିବା ସହ ନଦୀବନ୍ଧ ପାଇଁ ଆଦୌ ଧ୍ୟାନ ଦେଉନାହାନ୍ତି । ତାଳଦଣ୍ଡା କେନାଲ, ମାଛଗାଁରେ କେନାଲ ଅଛି କିନ୍ତୁ ପାଣିନାହିଁ । ୬ଟି ନଦୀ ଏବେ ମୃତବତ ରହିଥିବାବେଳେ ୪ଟି ମୃତ୍ୟୁ ଅପେକ୍ଷାରେ ରହିଛି । ହଂସୁଆ, ଧନୁଆ, ଗୋବରୀ ଓ ବୃଦ୍ଧାନଦୀର ମୃତ୍ୟୁ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ସବୁ ଜାଣିବି ନଜାଣିଲା ପରି ଅଭିନୟ କରୁଛନ୍ତି । ଓଡ଼ିଶାର ସୁନାନଦୀ, ମଲଦା, ଜଳପା, ରାଣୀମା ଭଳି ଉପନଦୀ ବୈତରଣୀରେ ମିଶିଥିବାବେଳେ ତଳ ଭାଗରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କଙ୍ଗିରା, ମାଛକାନ୍ଦଣା, ଅରଡେଇ, କାନଝରୀ, ସୀତା, କୁକୁରକଟା ଉପନଦୀର ରକ୍ଷଣା ବେକ୍ଷଣ ଅଭାବ ରହିଛି । ରାଜ୍ୟ ସରକାର ଏନେଇ କୌଣସି ପଦକ୍ଷେପ ନନେଇ କେନ୍ଦ୍ରୀୟ ଅନୁଦାନକୁ ଫେରାଇ ଦେଉଛନ୍ତି । ଯେଉଁ ନଦୀରେ ସ୍ୱଚ୍ଛ ଜଳ ରହୁଛି ତାହାକୁ ଶିଳ୍ପସଂସ୍ଥାମାନେ ନେଉଛନ୍ତି । ନଦୀରୁ ଶିଳ୍ପ ସଂସ୍ଥାମାନେ ମାର୍ଚ୍ଚ ମାସରେ ୭୨%, ଏପ୍ରିଲ ମାସରେ ୮୭%, ମଇ ମାସରେ ୪୯% ଶୋଷି ନେଇଛନ୍ତି । ଏହି ପାଣି ସମସ୍ୟା ପ୍ରତ୍ୟେକ ଜିଲ୍ଲାରେ ଦେଖାଦେଉଛି । ଦୟାନଦୀ କେନାଲ ପାଣି ଆସୁନାହିଁ । ରାଜଧାନୀରେ ଦୟା ୱେଷ୍ଟ କେନାଲରେ ଆଜିକୁ ୫ବର୍ଷ ବିତିଯାଇଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ରାଜ୍ୟ ସରକାର କରୁନାହାନ୍ତି । କଳାଝରୀ, କାଳାରାହାଙ୍ଗ, ଇଞ୍ଜଣା, ପଟିଆ, ଭୋଟପଡ଼ା, ମଂଚେଶ୍ୱର, ଚକେଇସିଆଣି ଓ ପଳାଶୁଣି ଅଂଚଳରେ ପାଣି ସମସ୍ୟା ପ୍ରତ୍ୟେକ ବର୍ଷ ଦେଖାଦେଉଛି । ୫ବର୍ଷରୁ ଊର୍ଦ୍ଧ୍ୱ ହେଲା କାନପୁର ଗେଟ ଖୋଲା ହୋଇନାହିଁ । ରାଜ୍ୟର ଏହି ପାଣି ସମସ୍ୟା ଦୂର କରିବାକୁ ଶ୍ରୀ ମଲ୍ଲିକ ଦାବି କରିଛନ୍ତି । ବିଧାନସଭାରେ ବଜେଟ୍ ଅଧିବେଶନବେଳେ ରାଜ୍ୟର କୃଷିମନ୍ତ୍ରୀ ରାଜ୍ୟରେ ଚାଷର ଉନ୍ନତି ହୋଇଛି ବୋଲି ଡିଣ୍ଡିମ ପିଟୁଥିଲାବେଳେ ବାସ୍ତବରେ ଏହା ବିଧାନସଭାରେ ପ୍ରଶ୍ନର ଉତରରେ ସୀମିତ । ମା', ମାଟି ଓ ଜଳ ପାଇଁ ବିଜେପି ସର୍ବଦା ଲଢ଼େଇ କରୁଛି ଓ ଭବିଷ୍ୟତରେ କରିବ । ଏଥିରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ଶାସକ ବିଜୁ ଜନତା ଦଳ କେବଳ ରାଜ୍ୟବାସୀଙ୍କୁ ପ୍ରତାରଣା କରି ଶସ୍ତା ରାଜନୀତି କରୁଛି । ଜନତାଙ୍କ ସୁରକ୍ଷା ଓ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେଇ ଭାରତୀୟ ଜନତା ପାର୍ଟି ସର୍ବଦା ଲଢ଼େଇ ଜାରୀ ରଖିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

# ତୈଳ ଓ ଗ୍ୟାସ ଦର ପ୍ରତିବାଦରେ ରାଜଭବନ ସମ୍ମୁଖରେ କଂଗ୍ରେସର ଧାରଣା

ଭୁବନେଶ୍ୱର,୦୮/୦୪ (ନି.ପ୍ର): ପେଟ୍ରୋଲ, ଡିଜେଲ, ଗ୍ୟାସ, ପିଏନଜି ଓ ସିଏନଜି ଦର ବାରମ୍ବାରବୃଦ୍ଧି ସମ୍ପର୍କରେ ଜନସାଧାରଣଙ୍କୁ ଏ ସଂପର୍କରେ ସଚେତନ କରି ବିଜେପି ସରକାରଙ୍କର ମନମୁଖି ଶାସନ ବ୍ୟବସ୍ଥା ବିରୋଧରେ ସ୍ୱର ଉତୋଳନ କରିବାପାଇଁ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ "ମହଙ୍ଗାଇ ମୁକ୍ତ ଧାରଣା ଓ ପଦଯାତ୍ରା"କାର୍ଯ୍ୟକ୍ରମ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜଭବନ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଲେଯେ ଦେଶରେ ଆଚ୍ଛେଦିନର ସ୍ୱପ୍ନ ଦେଖାଇ ଶାସନକୁ ଆସିଥିବା ବିଜେପି ସରକାର ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । ତେଲ ଓ ଗ୍ୟାସ ଦର ବାରମ୍ବାର ବଢ଼ିବାରୁ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି । କେନ୍ଦ୍ର ଓ ରାଜ୍ୟ ସରକାର ତୈଳ ଉପରୁ ଏକ୍ସାଇଜି ଡ୍ୟୁଟି ଓ ଭ୍ୟାଟ ହ୍ରାସ ନକରିବାରୁ ତେଲ ଦର କ୍ରମାଗତ ରାଜ୍ୟରେ ବଢ଼ିଚାଲିଛି । ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ତେଲ ଦର ନକମିବା ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । କଂଗ୍ରେସ ଶାସନ ସମୟରେ ଆର୍ନ୍ତଜାତୀୟ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପ୍ରତି ୧୨୧ ରୁ ୧୩୮ ଡଲାର ଥିବାବେଳେ ଜନସାଧାରଣ ପେଟ୍ରୋଲ ୬୪ ଟଙ୍କାରୁ ୭୮ ଟଙ୍କାରେ ପାଉଥିଲେ, ଡିଜେଲ ୫୮ ଟଙ୍କାରୁ ୬୨ ଟଙ୍କା ମଧ୍ୟରେ ପାଉଥିଲେ ଓ ରନ୍ଧନ ଗ୍ୟାସ ୪୧୪ ଟଙ୍କାରେ ପାଉଥିଲେ । ମାତ୍ର ବର୍ତ୍ତମାନ ଅଶୋଧିତ ତୈଳ୍ୟ ଦର ୧୦୦ ରୁ ୧୦୪ ଡଲାର ମଧ୍ୟରେ ରହିଥିବା ବେଳେ ଜନସାଧାରଣ ପେଟ୍ରୋଲ ଲିଟର ପ୍ରତି ୧୦୧ ଟଙ୍କାରୁ ୧୧୮ ଟଙ୍କା କିଣୁଛନ୍ତି, ଡିଜେଲ ୯୭ ଟଙ୍କାରୁ ୧୦୫ ଟଙ୍କା ଓ ରନ୍ଧନ ଗ୍ୟାସ ୯୭୦ ଟଙ୍କାରୁ ୧୦୧୨ ଟଙ୍କାରେ କିଣିବାକୁ ବାଧ୍ୟ ହେଉଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅପରିଣାମଦର୍ଶିତା ଯୋଗୁଁ ଦେଶବାସୀ ଏପରି ମହଙ୍ଗାଇର ଶୀକାର ହୋଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଡ. ଯୁଧିଷ୍ଠୀର ଜେନା, ଡ. ଦେବାଶିଷ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଂଟିଆ, ବିଧାୟକ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ବିସ୍ମୟ ମହାପାତ୍ର, ସୁଦର୍ଶନ ଦାସ, ବିଶ୍ୱଜିତ ଦାଶ, ମନୋରଞ୍ଜନ ଦାଶ, ରଜନୀ ମହାନ୍ତି, ଅମିୟ ପଟ୍ଟନାୟକ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ସେବାଦଳ ଓ ବିଭିନ୍ନ ପ୍ରକୋଷ୍ଠ ଓ ବିଭାଗର କର୍ମକର୍ତା ଉପସ୍ଥିତ ଥିଲେ ।

# ଯୁଗଳ ଯୋଶୀ ପୂର୍ବତଟ ରେଳପଥ ରେଳବାଇ ସୁରକ୍ଷା ବଳର ନୂତନ ପ୍ରମୁଖ ନିରାପତ୍ତା ଆୟୁକ୍ତ

ଭୁବନେଶ୍ୱର,୦୮/୦୪ (ନି.ପ୍ର): ପୂର୍ବତଟ ରେଳପଥର ରେଳବାଇ ସୁରକ୍ଷା ବଳ ନୂତନ ପ୍ରମୁଖ ନିରାପତା ଆୟୁକ୍ତ ଭାବେ ଯୁଗଳ କିଶୋର ଯୋଶୀ ଯୋଗଦାନ କରିଛନ୍ତି । ସେ ୧୯୯୭ ମସିହା ଭାରତୀୟ ରେଳବାଇ ସୁରକ୍ଷା ବଳ ସେବା ଅଧିକାରୀ ଅଟନ୍ତି । ଏହା ପୂର୍ବରୁ ଶ୍ରୀ ଯୋଶୀ ଜଳ ଶକ୍ତି ମନ୍ତ୍ରଣାଳୟର ସ୍ୱଚ୍ଛ ଭାରତ ମିଶନ ଏବଂ ଜଳ ଜୀବନ ମିଶନ କାର୍ଯ୍ୟକ୍ରମ ମାନଙ୍କରେ ନିର୍ଦ୍ଦେଶକ ଭାବେ ୨୦୧୬ ମସିହା ଠାରୁ ୧୦୨୨ ମସିହା ପର୍ଯ୍ୟନ୍ତ ଡେପୁଟେସନରେ ଥାଇ କାର୍ଯ୍ୟ ତୁଲାଉଥିଲେ ।

ସେ ମଧ୍ୟ ବିଭିନ୍ନ ରେଳପଥରେ ଭିନ୍ନ ଭିନ୍ନ ପଦପଦବୀରେ ଥାଇ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ସହିତ ସୁରକ୍ଷା ସମ୍ବନ୍ଧୀୟ ଅପରାଧ ଅନ୍ୱେଷଣ କ୍ଷେତ୍ରରେ ପ୍ରଗାଢ଼ ଦକ୍ଷତା ରଖିଛନ୍ତି । ଶ୍ରୀ ଯୋଶୀ ୨୦୧୪ ରୁ ୨୦୧୬ ମସିହା ମଧ୍ୟରେ ରେଳବାଇ ବୋର୍ଡ ରେ ରେଳ ସୁରକ୍ଷା ବଳ ନିର୍ଦ୍ଦେଶକ, ଉତର ରେଳପଥର ଦିଲ୍ଲୀ ଏବଂ ପୂର୍ବ ରେଳପଥର ହାଓଡ଼ା ରେଳ ମଣ୍ଡଳ ମାନଙ୍କରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଭାବେ କାର୍ଯ୍ୟ ତୁଲାଇଛନ୍ତି । ସେ ମଧ୍ୟ ପୂର୍ବତଟ ରେଳପଥରେ ଉପମୁଖ୍ୟ ସୁରକ୍ଷା ଆୟୁକ୍ତ ଭାବେ ୨୦୦୮ ରୁ ୨୦୧୧ ମସିହା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

ସେ ସ୍ୱଚ୍ଛ ଭାରତ ମିଶନ ଦଳର ଏକ ପ୍ରମୁଖ ସଦସ୍ୟ ଥିଲେ ଯାହାକି ବିଶ୍ୱର ସର୍ବ ବୃହତ ଆଚରଣ ପରିବର୍ତ୍ତନ କାର୍ଯ୍ୟକ୍ରମକୁ ଯୋଜନା, କାର୍ଯ୍ୟକାରୀ ଏବଂ ତଦାରଖ କରିଥିଲା ଏବଂ ଭାରତକୁ ମୁକ୍ତ ମଳତ୍ୟାଗ କାର୍ଯ୍ୟକ୍ରମ ସଂଚାଳନ କରିବାରେ ସହାୟକ କରିଥିଲା । ସେ ଆନ୍ତ-ମନ୍ତ୍ରଣାଳୟ ସ୍ୱଚ୍ଛତା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଯାହାଦ୍ୱାରା ସ୍ୱଚ୍ଛତା କାର୍ଯ୍ୟ ଯୋଜନା, ସ୍ୱଚ୍ଛତା ପଖୱାଡା, ସ୍ୱଚ୍ଛ ପ୍ରତିଷ୍ଠିତ ସ୍ଥାନ ଏବଂ ଗଙ୍ଗା ଗ୍ରାମ କାର୍ଯ୍ୟକ୍ରମ ଗୁଡିକ ଅନ୍ତର୍ଭୁକ୍ତ ଥିଲା । ଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ ସ୍ୱଚ୍ଛତା କେନ୍ଦ୍ରର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ ଯେଉଁଠାରେ କଠିନ ବର୍ଜ୍ୟବସ୍ତୁ, ତରଳ ବର୍ଜ୍ୟବସ୍ତୁ ଏବଂ ମଳ ପରିଚାଳନା ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଥିଲେ ।

# ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ ତୁରନ୍ତ କାର୍ଯ୍ୟକାରୀ କରାଯାଉ : ସମୀର ମହାନ୍ତି

ଭୁବନେଶ୍ୱର,୦୮/୦୪ (ନି.ପ୍ର): କେନ୍ଦ୍ର ସରକାର ଦେଶବାସୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ମିଶନ ମୋଡରେ ଆରମ୍ଭ କରିଥିବା "ୱାନ ନେସନ, ୱାନ ହେଲଥ୍" କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦୧୮ରେ ଆୟୁଷ୍ମାନ ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାରେ ସାଧାରଣ ଲୋକଟି ଶସ୍ତା ଓ ସୁବିଧାରେ ନିଜ ରାଜ୍ୟ ସମେତ ଦେଶର ଅନ୍ୟ ରାଜ୍ୟରେ ମଧ୍ୟ ସହଜରେ ଚିକିତ୍ସିତ ପାଇପାରିବ । ମିଶନ ଇନ୍ଦ୍ରଧନୁଷରେ ବର୍ତ୍ତମାନ ସୁଦ୍ଧା ୩.୮୬ କୋଟି ଶିଶୁ ଏବଂ ୯୬.୮ ଲକ୍ଷ ଗର୍ଭବତୀ ମହିଳାଙ୍କୁ ମାଗଣା ଟୀକାକରଣ କରାଯାଇଛି । ୧୮୫ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ କୋଭିଡ୍ ଟୀକାକରଣ ସରିଛି । ୨୦୨୫ ମସିହା ସୁଦ୍ଧା ଟିବି ମୁକ୍ତ ଭାରତ ଲକ୍ଷ୍ୟ ରଖିଛନ୍ତି ମୋଦି ସରକାର । ଅପର ପକ୍ଷରେ ଓଡିଶା ସରକାରଙ୍କ ଆନ୍ତରିକତା ଓ ପ୍ରୋତ୍ସାହନ ଅଭାବ କାରଣରୁ ଏହି ସ୍ୱାସ୍ଥ୍ୟଭିତିକ ଯୋଜନାର ସୁଫଳ ପାଇବାରୁ ବଂଚିତ ହେଉଛନ୍ତି ଓଡିଶାବାସୀ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଆୟୁଷ୍ମାନ ଯୋଜନାରେ ୧୩.୪୪କୋଟି ପରିବାର ତଥା ୬୫କୋଟି ହିତାଧିକାରୀ ଉପକୃତ ହୋଇଛନ୍ତି । ନ୍ୟାସନାଲ ଡିଜିଟାଲ ହେଲ୍‌ଥମିଶନ ଗତ ୨୦୨୦ ଅଗଷ୍ଟ ୧୫ତାରିଖରେ ମୋଦୀ ଶୁଭାରମ୍ଭ କରିଥିଲେ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ (ପିଏମ-ଜିଏୱାଇ) ଅନ୍ତର୍ଗତ ୧୬,୦୮୫ ଡାକ୍ତରଖାନାକୁ ତାଲିକାଭୁକ୍ତ କରାଯାଇଛି ଏବଂ ୧୦କୋଟିରୁ ଅଧିକ ଲୋକଙ୍କୁ ଇ-କାର୍ଡ ପ୍ରଦାନ କରାଯାଇଛି । ଏବେ ୧୭,୧୫୦ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟ କରୁଛି । ପଶ୍ଚିମବଙ୍ଗ, ତେଲେଙ୍ଗାନା, ଓଡ଼ିଶା, ଦିଲ୍ଲୀ ୪ଟି ରାଜ୍ୟ ଆୟୁଷ୍ମାନ ଯୋଜନାକୁ ସ୍ଥାନୀୟ ସରକାର ନିଜ ନିଜ ରାଜ୍ୟରେ କାର୍ଯ୍ୟକାରୀ କରିନାହାନ୍ତି । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ (ପିଏମ-ଜିଏୱାଇ) ଅନ୍ତର୍ଗତ ୧୬,୦୮୫ଡାକ୍ତରଖାନାକୁ ତାଲିକାଭୁକ୍ତ କରାଯାଇଛି ଏବଂ ୧୦କୋଟିରୁ ଅଧିକ ଲୋକଙ୍କୁ ଇ-କାର୍ଡ ପ୍ରଦାନ କରାଯାଇଛି । ଏ ସମସ୍ତ ସୁବିଧା ପାଇବାରୁ ଓଡିଶାବାସୀ ବଂଚିତ ହୋଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଆଜିଠାରୁ ବିଜେପି ତରଫରୁ ଦେଶବ୍ୟାପୀ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଗୋଟିଏ ପକ୍ଷ ଧରି "ସାମାଜିକ ନ୍ୟାୟ ଓ ସେବା" ପକ୍ଷ ଆରମ୍ଭ ହୋଇଛି । ଏହି ଅବସରରେ ବିଜେପି କାର୍ଯ୍ୟକର୍ତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ପ୍ରସଙ୍ଗରେ ଲୋକଙ୍କ ସହିତ ସିଧାସଳଖ ଆଲୋଚନା କରିବେ । ଆଜି ସାମାଜିକ ନ୍ୟାୟ ଓ ସେବା ପକ୍ଷ ପାଳନର ପ୍ରଥମ ଦିନ ଏବଂ ଆଜିର ଏହି ଦିନକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି । ଓଡିଶାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ନବୀନ ସରକାର ସଂପୂର୍ଣ୍ଣ ବିଫଳ ହୋଇଛି । ସ୍ୱାସ୍ଥ୍ୟ ଭିତିଭିମିରେ କିଛି କୋଠା ଘର ନିର୍ମାଣ ହୋଇଛି ସତ, କିନ୍ତୁ ଆବଶ୍ୟକୀୟ ଭିତିଭୁମିର ଘୋର ଅଭାବ ରହିଛି । ୧୮ ଜିଲ୍ଲା ମୁଖ୍ୟାଳୟରେ ଆଇସିୟୁ ନାହିଁ । ୧୧୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ ସଂଯୋଗ ନାହିଁ, ୪୦% ଊର୍ଦ୍ଧ୍ୱ ଜିଲ୍ଲାର ଡାକ୍ତରଖାନାରେ ଡାକ୍ତର ନାହାନ୍ତି । କ୍ୟାନସର ହସପିଟାଲ ନିର୍ମାଣ କେବଳ ପ୍ରଚାରରେ ସୀମିତ ହୋଇ ରହିଛି । ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଓଡିଆଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଓଡିଶା ସରକାର ଆୟୁଷ୍ମାନ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରାନ୍ତୁ ଏବଂ ପ୍ରଧାନମନ୍ତ୍ରୀ ଜନ-ଔଷଧି କେନ୍ଦ୍ରର ବ୍ୟାପକ ପ୍ରଚାର ଓ ପ୍ରସାର କରିବାକୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ରାଜ୍ୟ ସରକାରଙ୍କୁ ପୁଣି ଥରେ ଅନୁରୋଧ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଶାରଦା ଶତପଥୀ, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ଉପସ୍ଥିତ ଥିଲେ ।

# ବିଜେପି ସମବାୟ ପ୍ରକୋଷ୍ଠର ପଦାଧିକାରୀଙ୍କ ନାମ ଘୋଷଣା

ଭୁବନେଶ୍ୱର,୦୮/୦୪ (ନି.ପ୍ର): ଭାରତୀୟ ଜନତା ପାର୍ଟି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ବିଜେପି ରାଜ୍ୟ ସମବାୟ ପ୍ରକୋଷ୍ଠର ସଂଯୋଜକ ପବିତ୍ର ମୋହନ ଦାଶ ୧୬ଟି ସମବାୟ ଜିଲ୍ଲା ସଂଯୋଜକ ଓ ରାଜ୍ୟର ବିଭିନ୍ନ ସମବାୟ ବିଭାଗର ୧୬ଟି ଶୀର୍ଷ ସମବାୟର ସଂଯୋଜକ ନାମ ଘୋଷଣା କରାଯାଇଛି । ବିଭିନ୍ନ ସମବାୟ ଜିଲ୍ଲା ସଂଯୋଜକ ଭାବେ ଅନୁଗୁଳ - ରାମଚନ୍ଦ୍ର ପାତ୍ର; ଆସ୍କା - ଅରୁଣ କୁମାର ପଣ୍ଡା; ବାଲେଶ୍ୱର - ସର୍ବେଶ୍ୱର ମହାନ୍ତି; ବୌଦ୍ଧ - ସୁବାଷ ପ୍ରଧାନ; ବାଙ୍କୀ - ଅଜୟ ମୁଦୁଲୀ; କଟକ - ବିଜୟ ରାଉତରାୟ; କେନ୍ଦୁଝର - ଅଜୟ ସାହୁ; ଖୋର୍ଦ୍ଧା - ପ୍ରଶାନ୍ତ ଆଦିତ୍ୟ; କୋରାପୁଟ - ଅରୁଣ ଭଟ୍ଟମିଶ୍ର; ମୟୂରଭଞ୍ଜ - ବରୁଣ ଦେ; ନୟାଗଡ଼ - ପ୍ରସନ୍ନ ଦାସ; ପୁରୀ - ପୂର୍ଣ୍ଣଚନ୍ଦ୍ର ନନ୍ଦ; ସୁନ୍ଦରଗଡ - ସୁକ୍‌ଲାଲ ମୁଣ୍ଡା; ବହ୍ମପୁର - ନାରାୟଣ ପଣ୍ଡା ; ଭବାନିପାଟଣା - ଶରତ ନାୟକ ଏବଂ ବଲାଙ୍ଗିର - ରାଜକିଶୋର ମେଣ୍ଡଲି ନାମ ଘୋଷଣା କରାଯାଇଛି । ସେହିପରି ବିଭିନ୍ନ ସମବାୟ ବିଭାଗର ଶୀର୍ଷ ସମବାୟ ରାଜ୍ୟ ସଂଯୋଜକ ଭାବେ, ଓଡିଶା ରାଜ୍ୟ ସମବାୟ ସମ୍ମହ - ଲକ୍ଷ୍ମିପ୍ରିୟା ସାହୁ; ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ - ପୂର୍ଣ୍ଣିମା କେର୍କେଟା; ନଗରାଂଚଳ ଋଣ ସମବାୟ ସମିତି - ଚଣ୍ଡି ସିଂ; ରାଜ୍ୟ ଖାଉଟି ସମବାୟ ସମିତି ସମୁହ – ସୌଭାଗ୍ୟ ପାତ୍ର; ରାଜ୍ୟ ଦୁଗ୍ଧ ଉତ୍ପାଦନ ସମିତି ସମୁହ - ପ୍ରିୟବ୍ରତ ସ୍ୱାଇଁ; ବୟନିକା - ସାନନ୍ଦ ମେହେର; ଟସର ଏବଂ ଶିଲ୍‌କ ଫେଡେରେସନ ସମ୍ମହ - ସଞ୍ଜୀବ ମହାନ୍ତି; ଓଡିଶା ରାଜ୍ୟ କୋପରେଟିଭ୍ ହାଉସିଂ ନିଗମ - ଶ୍ରୀରଞ୍ଜନ ମଙ୍ଗରାଜ; ଓପୋଲଫେଡ – ସୁଜିତ୍ କୁମାର ଦାସ; ଉତ୍କଳିକା – ବିନୟ ନୃସିଂହ ମହାପାତ୍ର; କତା ନିଗମ - ସଚିନ୍ଦ୍ର କୁମାର ବାନାର୍ଜୀ; ତାଳଗୁଡ - ଗିରିଶ୍ ବରିଶାଲ୍; ପଛୁଆ ବର୍ଗ ଆର୍ଥୀକ ଉନ୍ନୟନ ନିଗମ - ତାପସ ଜେନା; ଓଡିଶା ରାଜ୍ୟ ମହିଳା ବିକାଶ ନିଗମ - ପ୍ରତିଭା ଶତପଥୀ; ସୂତା ସମବାୟ ନିଗମ - ଅଜୟ ବିଶ୍ୱାଳ; ଓଡିଶା ରାଜ୍ୟ ମତ୍ସ୍ୟଜୀବି ସମବାୟ ସମିତି ସମୁହ - ପ୍ରସନ୍ନ ବେହେରାଙ୍କ ନାମ ଘୋଷଣା କରାଯାଇଛି ବୋଲି ରାଜ୍ୟ ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ତୋଷାଳିର ଏକାଦଶ ସନ୍ଧ୍ୟା ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଉଦ୍‌ଘାଟିତ

## କାଇଁଚ ଶିଳ୍ପର ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୦୮/୦୪ (ନି.ପ୍ର): ଷୋଡ଼ଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଏଗାର ଦିନ ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ମେଳାର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ସମବେତ ଶିଳ୍ପୀ, କଳାକାର, ବୁଣାକାର ଓ ଦର୍ଶକମାନଙ୍କୁ ଉଦ୍ ବୋଧନ ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ କୋଭିଡ୍ ପରବର୍ତୀ ଅବସ୍ଥାରେ ପ୍ରଥମ ଥର କରି ତୋଷାଳି ମେଳାକୁ ସମାରୋହ ଓ ସଫଳତାର ସହିତ ଆୟୋଜନ କରାଯାଇଛି । ଏହା କୋଭିଡ୍ କ୍ଷତିଗ୍ରସ୍ତ ଶିଳ୍ପୀମାନଙ୍କ ପାଇଁ ନୂଆ ଆଶା ସଂଚାର କରିଛି । ପ୍ରଦର୍ଶନୀକୁ ଦୈନିକ ହଜାର ହଜାର ସଂଖ୍ୟାର ଦର୍ଶକ ପରିଦର୍ଶନ କରୁଛନ୍ତି ଏବଂ ଶିଳ୍ପୀ ଓ କାରିଗରମାନଙ୍କର ଉତ୍ପାଦିତ ଦ୍ରବ୍ୟ ବିକ୍ରି ବହୁଗୁଣିତ ହୋଇଛି ।

କାଇଁଚ ଶିଳ୍ପ ଓଡ଼ିଶାର ଏକ ସ୍ୱତନ୍ତ୍ର ହସ୍ତଶିଳ୍ପ । କାଇଁଚ ଶିଳ୍ପୀମାନେ ଦୈନିଦିନ ଜୀବନରେ ବ୍ୟବହାର୍ଯ୍ୟ ପଦାର୍ଥଠାରୁ ଆରମ୍ଭ କରି କାର୍ଯ୍ୟାଳୟ ଓ ବିଭିନ୍ନ ପ୍ରକାର ସାଜସଜ୍ଜାରେ ଆବଶ୍ୟକ ପଡୁଥିବା ଦ୍ରବ୍ୟ ଉତ୍ପାଦନ କରନ୍ତି । ଏହି ଶିଳ୍ପୀମାନଙ୍କର ଉତ୍ପାଦ ବେଶ୍ ଆକର୍ଷଣୀୟ ଏବଂ ଉପଯୋଗୀ । କାଇଁଚ ହସ୍ତଶିଳ୍ପକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରଚେଷ୍ଟା ଆରମ୍ଭ କରାଯାଇଛି । କେନ୍ଦ୍ରାପଡ଼ା କାଇଁଚ ଉତ୍ପାଦର ଜି.ଆଇ. ଟ୍ୟାଗିଂ ପାଇଁ ମଧ୍ୟ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ କହିଥିଲେ ଯେ ହସ୍ତଶିଳ୍ପୀ ଓ କାରିଗରମାନଙ୍କୁ ବର୍ଷତମାମ୍ ବିକ୍ରିବଟା ସୁଯୋଗ ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଭୁବନେଶ୍ୱର ଏକାମ୍ର ହାଟରେ ସ୍ୱତନ୍ତ୍ର ଷ୍ଟଲମାନ ପ୍ରତିଷ୍ଠା କରାଯାଇଛି । ପୁରୀ ଓ କୋଣାର୍କରେ ଥିବା ନୀଳାଚଳ ଓ କୋଣାର୍କ ହାଟକୁ ନବୀକରଣ କରାଯାଇ ବର୍ଷତମାମ୍ ଚାଲୁ କରାଯିବାର ବ୍ୟବସ୍ଥା କରାଯାଉଛି ବୋଲି ମଧ୍ୟ ସେ କହିଥିଲେ । ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଜଣାଇଥିଲେ ଯେ କେନ୍ଦ୍ରାପଡ଼ା ଜିଲ୍ଲାରୁ ପ୍ରାୟ ୩ ହଜାର କାଇଁଚ ଶିଳ୍ପୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୯୦ ଭାଗ ହେଉଛନ୍ତି ମହିଳା । ଚିହ୍ନିତ ଶିଳ୍ପୀମାନଙ୍କୁ ଆଧୁନିକ କାଇଁଚ କଳା ବିଷୟରେ ତାଲିମ ଦେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଇତି ମଧ୍ୟରେ ୯୬୫ ଜଣଙ୍କୁ ତାଲିମ ଦିଆସରିଛି ଏବଂ ଆଉ ୫୦୦ ଜଣଙ୍କର ତାଲିମ କାର୍ଯ୍ୟକ୍ରମ ଚାଲୁ ରହିଛି । ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ସମସ୍ତ ଚିହ୍ନିତ ଶିଳ୍ପୀମାନଙ୍କୁ ତାଲିମ ଦିଆଯିବ ବୋଲି ଶ୍ରୀମତୀ ଶର୍ମା ଜଣାଇଥିଲେ । ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରାୟ ୪୫୦ ଷ୍ଟଲରେ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରୟ ହେଉଛି । ଓଡ଼ିଶା ସମେତ ପ୍ରାୟ ୨୪ଟି ରାଜ୍ୟରୁ କାରିଗର ଓ ବୁଣାକାରମାନେ ନିଜ ନିଜ ଉତ୍ପାଦ ବିକ୍ରିବଟା କରୁଛନ୍ତି । ମୁଖ୍ୟ ଶାସନ ସଚିବ ମେଳାରେ ବିଭିନ୍ନ ଷ୍ଟଲ ବୁଲିବା ସହ ଶିଳ୍ପୀ ଓ ବୁଣାକାରମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଶିଳ୍ପୀ ଓ ବୁଣାକାରମାନେ ସଂପୃକ୍ତ ହସ୍ତଶିଳ୍ପର ବିକାଶ ନିମନ୍ତେ ଆବଶ୍ୟକୀୟ ମତାମତ ଦେଇଥିଲେ । ମେଳାର ଅନ୍ୟ ଏକ ଆକର୍ଷଣ ହେଉଛି ବିଭିନ୍ନ ପ୍ରକାରର ଓଡ଼ିଆ ଖାଦ୍ୟଦ୍ରବ୍ୟ, ସୁସ୍ୱାଦୁ ଆମିଷ ଓ ନିରାମିଷ ଖାଦ୍ୟ ଷ୍ଟଲ । ଏସବୁ ଖାଦ୍ୟ ଦର୍ଶକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଆଜି ସନ୍ଧ୍ୟାରେ ଗୁରୁ ଶତ୍ରୁଘ୍ନ ନାୟକ ଏବଂ ସାଥୀ କଳାକାର, ସାଂସ୍କୃତିକ ଅନୁଷ୍ଠାନ 'ନୃତ୍ୟ ପ୍ରତିଭା' ଓ 'ବିନାରୀ ୱେଲ୍‌ଫେୟାର ଅର୍ଗାନାଇଜେସନ୍'ର କଳାକାର ମାନଙ୍କ ଦ୍ୱାରା ଓଡ଼ିଶୀ, ଦେବଦାସୀ ଓ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା ।

# କରୋନାର ନୂଆ ଭାରିଆଂଟକୁ ନେଇ ଭୟଭୀତ ହେବା ଅନାବଶ୍ୟକ : ଡିଏମଇଟି

ଭୁବନେଶ୍ୱର,୦୮/୦୪ (ନି.ପ୍ର): କରୋନା ଭୁତାଣୁର ନୂଆ ଏକ୍ସଇ ଭାରିଆଂଟକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ । ଭାରତରେ ଏକ୍ସଇ ଭାରିଆଂଟ ଚିହ୍ନଟ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର କରିଛନ୍ତି । ଏହା କେତେ ସଂକ୍ରାମକ ତାହା ଉପରେ ତର୍ଜମା ଚାଲିଛି । ଏହା ପ୍ରାଥମିକ ଅବସ୍ଥାରେ ଅଛି ବୋଲି ଡିଏମଇଟି ଡାକ୍ତର ରମାରମଣ ମହାନ୍ତି କହିଛନ୍ତି । ତଥାପି ମାସ୍କ ପିନ୍ଧିବା ଜରୁରୀ । ଅନ୍ୟ ରାଜ୍ୟରେ ମାସ୍କ ପ୍ରତ୍ୟାହାର ହେଲାଣି, ଓଡ଼ିଶାରେ ହେବ କି ନହେବ ସେନେଇ ରାଜ୍ୟ ସରକାର ନିଷ୍ପତି ନେବେ ବୋଲି ଡିଏମଇଟି ଡାକ୍ତର ରମାରମଣ ମହାନ୍ତି କହିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଗତକାଲି ମୁମ୍ବାଇର ଜଣେ ବ୍ୟକ୍ତିଙ୍କ ଶରୀରରେ ଏହି ଭୁତାଣୁ ଚିହ୍ନଟ ହୋଇଥିଲା । ୫୦ ବର୍ଷୀୟା ଉକ୍ତ ମହିଳା ଦକ୍ଷିଣ ଆଫ୍ରିକାରୁ ଫେରିଥିଲେ । ତେବେ ତାଙ୍କ ଶରୀରରେ କୌଣସି ଲକ୍ଷଣ ନାହିଁ ଓ ସେ ମଧ୍ୟ ଦୁଇଟି ଡୋଜ୍ ଟିକା ନେଇଛନ୍ତି । ଦେଶରେ କରୋନା ଭୁତାଣୁର ଏକ୍ସଇ ଭାରିଆଂଟ ଚିହ୍ନଟ ହୋଇଥିବା କଥା ମୁମ୍ବାଇ ମହାନଗର ନିଗମ (ବିଏମସି ) ପକ୍ଷରୁ ଘୋଷଣା କରାଯିବାର କିଛି ଘଂଟା ମଧ୍ୟରେ ତାହାକୁ ଖଣ୍ଡନ କରିଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ।

# ରାଜ୍ୟସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଭୁବନେଶ୍ୱର,୦୮/୦୪ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନ ଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୨ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ୍ କୁମାର ମହାନ୍ତି ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦ୍ରୁତ ଗତିରେ ଅବକ୍ଷୟ ହେଉଥିବା ଆମ ପୃଥିବୀର ଜୈବବିବିଧତାର ସୁରକ୍ଷା ନିମନ୍ତେ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ଲୋଡା ବୋଲି ମତ ପ୍ରକାଶ କରିଛନ୍ତି । 'ଆମ ପୃଥିବୀ- ଆମ ସ୍ୱାସ୍ଥ୍ୟ' ଶୀର୍ଷକ ଏହି ରାଜ୍ୟ ସ୍ତରୀୟ ସମାରୋହରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ (ମେଡିକାଲ ସର୍ଭିସେସ୍) ଡା. ଦୀନବନ୍ଧୁ ପଣ୍ଡା, ଭାରତ ସରକାରଙ୍କ ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ, ଡା. ଏସ୍.କେ. କର, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା ଡା. ବିଜୟ କୁମାର ମହାପାତ୍ର, କିମ୍ସର ଉପ-କୁଳପତି ଡା.ସି.ବି.କେ. ମହାନ୍ତି, ନିର୍ଦ୍ଦେଶକ ଆୟୁଷ, ଡ଼ା. ଭୂମେଶ ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଓଡିଶା ଶାଖା ପ୍ରତିନିଧି ଡା. ନିହାର ରାୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି ଅଂଶଗ୍ରହଣ କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୨ ଏବଂ ଏ ବର୍ଷର ବାର୍ତାର ଯଥାର୍ଥ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ ।

ରାଜ୍ୟସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଦ୍ୱିତୀୟ ଭାଗରେ ଆୟୋଜିତ ବୈଷୟିକ ଅଧିବେଶନରେ ଭାରତୀୟ ପାଣିପାଗ ବିଭାଗର ଆଂଚଳିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ମୁଖ୍ୟ ବୈଜ୍ଞାନିକ ଡା. ହବିବୁର ରେହମାନ୍ ବିଶ୍ୱାସ, ଆଇଆଇପିଏଚ୍ ନିର୍ଦ୍ଦେଶକ ଡା. ଶ୍ରୀଧର କଦମ୍, ନିର୍ଦ୍ଦେଶକ ଜନସ୍ୱାସ୍ଥ୍ୟ ଡା. ନିରଞ୍ଜନ ମିଶ୍ର ଓ ୟୁନିସେଫ୍ ପ୍ରତିନିଧି ଡା. ମୀନା ସୋମ୍ ପ୍ରମୁଖ ଅଂଶଗ୍ରହଣ କରି ଜଳବାୟୁ ପରିବର୍ତନ, ମନୁଷ୍ୟ ଜୀବନ ଉପରେ କି କି ନକରାତ୍ମକ ପ୍ରଭାବ ପକାଉଛି ଓ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଡା. ବିଜୟ କୁମାର ମହାପାତ୍ର ଏହି ବୈଷୟିକ ଅଧିବେଶନର ସାରାଂଶ ଆଲୋଚନା କରିଥିଲାବେଳେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୀମା ଦାସ ହେଲେ ବାରିପଦା ପୌର ପରିଷଦର ଭାଇସ ଚେୟାରମେନ



ବାରିପଦା, ୦୮/୦୪ (ନି.ପ୍ର): ପୌର ନିର୍ବାଚନ ସରିଥିବା ବେଳେ, ଓଡିଶାର ସର୍ବପୁରାତନ ବାରିପଦା ପୌର ପରିଷଦ କୁ ବିଜେଡି ଅକ୍ତିଆର କରିବାରେ ସଫଳ ହୋଇଥିଲା । ବାରିପଦା ପୌରପାଳିକାର ମୋଟ ୨୮ ଟି ୱାର୍ଡ ମଧ୍ୟରୁ ବିଜେଡି ଏକାକୀ ୨୨ ଟି ୱାର୍ଡରେ ବିଜୟ ଲାଭ କରିଥିବା ବେଳେ, ୩ଟିୱାର୍ଡରେ ବିଜେପି ପ୍ରାର୍ଥୀ ଓ ୩ଟି ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଥିଲେ । ସେହିପରି ଚଳିତ ଥର ପୌର ଚେୟାରମେନ ଆସନ ପାଇଁ ସିଧା ସଳଖ ନିର୍ବାଚନ ହୋଇଥିବା ବେଳେ, ବିଜେଡି ପ୍ରାର୍ଥୀ କୃଷ୍ଣାନନ୍ଦ ମହାନ୍ତି ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କୁ ବହୁ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ । ତେବେ ପୌର ପରିଷଦର ଭାଇସ ଚେୟାରମେନ ପଦ ପାଇଁ ସାଶକ ବିଜେଡିର କିଏ ପ୍ରାର୍ଥୀ ହେବେ ବୋଲି କଳ୍ପନା ଜଳ୍ପନା ଲାଗିରହିଥିବା ବେଳେ, ଏହି ଆସନରେ ବସିବା ପାଇଁ ବହୁ ୱାର୍ଡ କାଉନସିଲର ଲବିରେ ମଧ ଥିଲେ । ତେବେ ଆଜି ଭାଇସ ଚେୟାରମେନ ନିର୍ବାଚନ ଥିବା ବେଳେ, ଦଳୀୟ ସୂତ୍ର ରୁ ଜଉମୁଦ ଲଫାପାରେ ଆସିଥିବା ୯ ନମ୍ବର ୱାର୍ଡର ନବ ନିର୍ବାଚିତ କାଉନସିଲର ସୀମା ଦାସ ଙ୍କୁ ଦଳ ପକ୍ଷରୁ ଭାଇସ ଚେୟାରମେନ ପ୍ରାର୍ଥୀ କରାଯାଇଥିଲା । ତାଙ୍କ ବିରୋଧରେ ଅନ୍ୟକେହି ପ୍ରାର୍ଥୀ ପତ୍ର ଦାଖଲ କରି ନଥିବାରୁ ସେ ନିର୍ଦ୍ୱନ୍ଦରେ ଭାଇସ ଚେୟାରମେନ ଭାବରେ ନିର୍ବାଚିତ ହୋଇ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇଛନ୍ତି । ତେବେ ନବ ନିର୍ବାଚିତ ଭାଇସ ଚେୟାରମେନ ଶ୍ରୀମତୀ ଦାସ ତାଙ୍କୁ ଭାଇସ ଚେୟାର ମେନ ଭାବରେ ଚୟନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସାଂଗଠନିକ ସଂପାଦକ ବବି ଦାସ ତଥା ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇବା ସହିତ ସହରର ଡ୍ରେନ ଗୁଡିକର ସଫେଇ ସହ ପାନୀୟ ଜଳ ସମସ୍ୟାର ସମାଧାନ ସହ ଦୀର୍ଘ ମିଆଦି କାର୍ଯ୍ୟ ଗୁଡିକୁ ସମ୍ପାଦନ କରିବାକୁ ପ୍ରତିଶୃତି ଦେଇଛନ୍ତି ।

## ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ବାଲିଆପାଳ, ୦୮/୦୪ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟୀ ପଂଚାୟତ ଡେମୁରିଆ ଗ୍ରାମରେ ଜୈନିକ ମହିଳା ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ମହିଳା ଜଣଙ୍କ ହେଲେ ସେହି ଗ୍ରାମର ରୁହିଆ ମୁର୍ମୁଙ୍କ ସ୍ତ୍ରୀ ତୁଳସୀ ମୁର୍ମୁ । ଆଜି ସକାଳେ ଘର ପାଖରେ ଥିବା ଗଛରେ ମୃତ ଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା । ଏନେଇ ତୁଳସୀଙ୍କ ସ୍ୱାମୀ ରୁହିଆ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଏଏସଆଇ ସସ୍ମିତା ମାହାଳିକ ଶବ ଜବଦ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ବାଲିଆପାଳ ଥାନାରେ କେଶ ନଂ ୯/୨୨ ରେ ଏକ ଅପମୃତ୍ୟୁ ମାମାଲା ରୁଜୁ ହୋଇଛି ।

## ବିଇଏମସିର ଡେପୁଟି ମେୟର୍ ରୂପେ ବିଜେଡ଼ି ପ୍ରାର୍ଥୀ ଇ. ବିବେକ ରେଡ୍ଡି ନିର୍ବାଚିତ

ଗଞ୍ଜାମ, ୦୮/୦୪ (ନି.ପ୍ର): ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ଡେପୁଟି ମେୟର୍ ରୂପେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପସନ୍ଦର ପ୍ରାର୍ଥୀ ଇ. ବିବେକ ରେଡ୍ଡି ନିର୍ବାଚିତ ହୋଇଥିବା ଆଜି ଘୋଷଣା କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ....

ଅନ୍ୟପଟେ ଏମାର ମଠ ପଛପାର୍ଶ୍ୱରେ ଖନନ ପରେ ସୃଷ୍ଟି ହୋଇଥିବା ବିରାଟ ଗର୍ତ କେବେ ପୋତାହେବ, ସେ ନେଇ ଉଠିଛି ପ୍ରଶ୍ନ । ଆଗକୁ ବର୍ଷାଦିନ ଥିବାରୁ ଖନନ ସ୍ଥଳରେ ପାଣି ଭର୍ତି ହେବା ସହ ଆଖପାଖ ସାହି ପ୍ରଭାବିତ ହେବାର ଆଶଙ୍କା ରହିଛି । ତେଣୁ ଖନନ ସ୍ଥଳକୁ ଶୀଘ୍ର ପୋତିବାକୁ ଦାବି ହୋଇଛି । ଏହି ବିରାଟ ଗର୍ତ ଶ୍ରୀମନ୍ଦିର ପାଇଁ ବିପଦ ଆଣିଥିବା ଅଭିଯୋଗ କରିଛନ୍ତି ଭକ୍ତ ଓ ବିଭିନ୍ନ ସଂଗଠନ । ଅନ୍ୟପଟେ ଖନନ ଦ୍ୱାରା ଶ୍ରୀମନ୍ଦିରରେ ଫାଟ ସୃଷ୍ଟି ହୋଇଥିବା ନେଇ ଅଭିଯୋଗ ଆସିଛି । ବିଧାନସଭା ଓ ସଂସଦରେ ତୈମିତୋଫାନ ହେବା ସତ୍ୱେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଖନନ ଓ ନିର୍ମାଣ କାର୍ଯ୍ୟ ଜାରି ରହିଛି । ବିଶେଷକରି, ଶ୍ରୀମନ୍ଦିର କାର୍ଯ୍ୟାଳୟ ପାଇଁ କୌଣସି ଖନନ ଓ ନିର୍ମାଣ ଅନୁମତି ନଥିଲେ ବି ଖନନ ଓ ନିର୍ମାଣ କାର୍ଯ୍ୟ ଜାରି ରହିଥିଲା । ଏହି ସ୍ଥାନରେ ପ୍ରାୟ ୧୨ ଫୁଟ୍ ଓସାର ଓ ୨୦ ଫୁଟ୍ ଲମ୍ୱର ବଡ଼ ବଡ଼ ଗର୍ତ ଖୋଳି କଂକ୍ରିଟ୍ ନିର୍ମାଣ କାମ ଆରମ୍ଭ ହୋଇସାରିଥିଲା । ତେବେ ଏହାକୁ ବିରୋଧ ପରେ ଖନନସ୍ଥଳରେ ବାଲି ପୋତିବା ଆରମ୍ଭ କରିଛି ଠିକା ସଂସ୍ଥା । ସେପଟେ ଏମାର ମଠ ପଛପାର୍ଶ୍ୱରେ ଦୀର୍ଘଦିନରୁ ବଡ଼ ବଡ଼ ଗାତ ଖୋଳି ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏବେବି ଏହି ଖନନ ସ୍ଥଳରେ ପୂର୍ବଭଳି ବଡ଼ ବଡ଼ ଗାତ ରହିଛି । ଏହି ଖନନ ବେଇଆନ୍ ହୋଇଥିବା ବେଳେ ଏହାକୁ ତୁରନ୍ତ ପୋତିବାକୁ ଦାବି ହୋଇଛି ।

## ଶ୍ରୀଲଙ୍କାରେ ଗମ୍ଭୀର ଆର୍ଥିକ ....

ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କରୁ ମଧ ଋଣ କରିବାକୁ ଯୋଜନା କରୁଛି ଶ୍ରୀଲଙ୍କା । ଏନେଇ ଅର୍ଥନୈତିକ ବିଶେଷଜ୍ଞଙ୍କ ମାନଙ୍କୁ ନେଇ ଏକ କମିଟି ଗଠନ କରିଛି ଶ୍ରୀଲଙ୍କା । ଅତ୍ୟାଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଥିବା ବେଳେ ଏପ୍ରିଲ ଶେଷ ସୁଦ୍ଧା ଦେଶର ପ୍ରେଟ୍ରୋଲ ପମ୍ପ ଗୁଡିକ ଶୁଖିଲା ହୋଇଯିବାର ଆଶଙ୍କା ଦେଖାଦେଇଛି । ସେପଟେ ଶ୍ରୀଲଙ୍କାକୁ ଭାରତ ମାନବୀୟ ସହାୟତା ଯୋଗାଇଥିବା କହିଛନ୍ତି ଶ୍ରୀଲଙ୍କାରେ ଥିବା ଭାରତୀୟ ହାଇ କମିଶନ । ଶ୍ରୀଲଙ୍କା ସହ ଭାରତ ସବୁବେଳେ ଯୋଗାଯୋଗରେ ଥିବା କହିଛନ୍ତି ହାଇ କମିସନ । ଶ୍ରୀଲଙ୍କାରେ ଆର୍ଥିକ ସମସ୍ୟା ଦିନକୁ ଦିନ ବଢିଚାଲିଛି । ରାଜଧାନୀ କଲମ୍ବୋରୁ ଆସିଥିବା ଦୃଶ୍ୟ ହିଁ ବୟାନ କରୁଛି ଯେ ଦେଶରେ ଆର୍ଥିକ ସମସ୍ୟା ଚରମସୀମାରେ ପହଞ୍ଚିଛି । ଅନିଶ୍ଚିତତା ଓ ସମସ୍ୟାର ବୋଝ ଦେଇ ଗତି କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି । ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଘଣ୍ଟା ଘଣ୍ଟା ଧରି ଛିଡା ହେବାକୁ ପଡୁଛି । ରାଜପକ୍ଷେ ସରକାରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଚମ୍ପିକା ରାଣାବାକା । ୧୯ ଆରବ ଆମେରୀକିୟ ଡଲାରର ହେରଫେର କରିଥିବା କହିଛନ୍ତି ସାଂସଦ । ସେହିପରି ଅନ୍ତରାଷ୍ଟ୍ରୀୟ ବଜାରରୁ ଋଣ ଆଣି ତାକୁ ନସୁଝିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି । ତେବେ ସଙ୍କଟ ସମୟରେ ଭାରତକୁ ପ୍ରଶଂସା କରିଛନ୍ତି ଶ୍ରୀଲଙ୍କାର ପୂର୍ବତନ କ୍ରିକେଟର ରୋଶନ ମହାନାମା । ଭାରତକୁ ବଡ଼ ଭାଇ ବୋଲି କହି ପ୍ରଶଂସା କରିଛନ୍ତି । ଅନ୍ୟପଟେ ଶ୍ରୀଲଙ୍କାରେ ଦିନକୁ ପରିସ୍ଥିତି ବିଗିଡିବାରେ ଲାଗିଛି । ତେବେ ଶ୍ରୀଲଙ୍କା କେମିତି ଏ ସମସ୍ୟାର ସମାଧାନ ବାହାର କରୁଛନ୍ତି ତା ଉପରେ ରହିଛି ନଜର ।

## ଝାରପଡ଼ା ଗଣେଶ ମଣ୍ଡପ ....

ବିଡିଏ ଓ ବିଏମସି ପକ୍ଷରୁ ମିଳିତ ଭାବେ ଝାରପଡ଼ା ଗଣେଶ ମଣ୍ଡପ ହାଟ ଉଚ୍ଛେଦ କରାଯାଉଥିବା ଜଣାଯାଇଛି। ୩ ଏକର ୨୦୭ ଡେସମିଲ ଜାଗାରେ ୨୦୦ରୁ ଊର୍ଦ୍ଧ୍ୱ ଦୋକାନ ଉଚ୍ଛେଦ ହୋଇଛି। ଉଚ୍ଛେଦ ବେଳେ ୧୪୪ ଧାରା ଲାଗୁ କରାଯାଇଥିଲା। ଥଇଥାନ ଓ କ୍ଷତିପୂରଣ ଦାବିରେ ବ୍ୟବସାୟୀ ଟାୟାର୍ ଜାଳି ରାସ୍ତା ଅବରୋଧ କରିଛନ୍ତି। ବିଜେପି ମେୟର ପ୍ରାର୍ଥୀ ଡକ୍ଟର ସୁନୀତି ମୁଣ୍ଡ, ବିଜେପି ନେତା ବାବୁ ସିଂହ, ଜଗନ୍ନାଥ ପ୍ରଧାନ ଓ ସ୍ଥାନୀୟ ବିଜେପି କର୍ପୋରେଟର୍ ଧରିତ୍ରୀ ଜେନା ପ୍ରମୁଖ ମଧ ରାସ୍ତା ଅବରୋଧରେ ସାମିଲ ହୋଇଥିଲେ।

## ଏପ୍ରିଲ ୧୦ତାରିଖରୁ ସମସ୍ତଙ୍କୁ ....

ଏହି ଟିକାକରଣ ଚାଲିବ । ଘରୋଇ କେନ୍ଦ୍ରରେ ମାଗଣାରେ ମିଳିବନି ବୁଷ୍ଟର ଡୋଜ୍ । କରୋନା ଟିକା ପାଇଁ ଦେବାକୁ ପଡିବ ଟଙ୍କା । ପ୍ରଥମ ଦୁଇ ଡୋଜ୍ ଟିକା ସମସ୍ତଙ୍କୁ ମାଗଣା ଦିଆଯାଇଥିଲା । ଏପରିକି ସ୍ୱାସ୍ଥ୍ୟ କର୍ମୀ ଓ ୬୦ ବର୍ଷରୁ ଅଧିକ ବୟସ୍କଙ୍କୁ ମାଗଣାରେ ବୁଷ୍ଟର ଡୋଜ୍ ଦିଆଯାଉଛି । ତାହା ଜାରି ରହିବ । କିନ୍ତୁ ଯେଉଁମାନେ ଘରୋଇ ଟିକାକେନ୍ଦ୍ରରେ ବୁଷ୍ଟର ଡୋଜ୍ ନେବେ, ସେମାନଙ୍କୁ ଗଣିବାକୁ ପଡ଼ିବ ଟଙ୍କା । ସେରମ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ କୁହାଯାଇଛି, ରିହାତି ଦରରେ ୬୦୦ ଟଙ୍କାରେ ଘରୋଇ ଟିକାକେନ୍ଦ୍ରରେ କୋଭିସିଲ୍ଡ ଟିକା ଦିଆଯିବ । ଅନ୍ୟ ଟିକା କେତେ ଟଙ୍କାରେ ଦିଆଯିବ ଚୂଡ଼ାନ୍ତ ହୋଇନାହିଁ । ତେବେ ଟିକା ଦେବା ପାଇଁ ଘରୋଇ ହସ୍ପିଟାଲ୍ ୧୫୦ ଟଙ୍କା ନେଇପାରନ୍ତି ।

## ପାକିସ୍ତାନ ରାଜନୀତି : ସୁପ୍ରିମକୋର୍ଟ ....

ଉପବାଚସ୍ପତି ଅନାସ୍ଥା ପ୍ରସ୍ତାବକୁ ଖାରଜ ନିଷ୍ପତିକୁ ଅଣସାମ୍ବିଧାନିକ କହି ରଦ୍ଦ କରିଦେଇଛନ୍ତି । ସଂସଦକୁ ଭଙ୍ଗ କରି ତିନି ମାସ ଭିତରେ ନିର୍ବାଚନ ପାଇଁ ପାକିସ୍ତାନ ରାଷ୍ଟ୍ରପତି ଅରିଫ ଅଲଭି ଦେଇଥିବା ନିଷ୍ପତିକୁ ମଧ ଖାରଜ କରି ଦେଇଛନ୍ତି । ନ୍ୟାସନାଲ ଆସେମ୍ୱଲିକୁ ପୁନଃ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । କ୍ରିକେଟରରୁ ରାଜନେତା ବନିଥିବା ଇମ୍ରାନଙ୍କ ଚମତ୍କାର ଗୋଟି ଚାଳନା ସୁପ୍ରିମକୋର୍ଟରେ ଫେଲ ମାରିଛି । କ୍ରିକେଟ ଭାଷାରେ କହିବାକୁ ଗଲେ,ଶେଷ ମୂହୂର୍ତରେ ଇମ୍ରାନ-ସରକାର ଅନାସ୍ଥା ପ୍ରସ୍ତାବକୁ ନ୍ୟାସନାଲ ଆସେମ୍ୱଲିରେ ଖାରଜ କରାଇ ଚମତ୍କାର ସୁଇଂ ବୋଲିଂ ଜରିଆରେ ବିରୋଧୀଙ୍କ ପାଦ ତଳୁ ମାଟି ଖସାଇ ଦେଇଥିଲେ । କିନ୍ତୁ ସୁପ୍ରିମକୋର୍ଟ ସେହି ସୁଇଂ ବଲକୁ ନୋ ବଲ ଘୋଷଣା କରିଛନ୍ତି । ଫଳରେ ଇମ୍ରାନଙ୍କ ସମସ୍ତ ଚାଲ ଫେଲ ମାରିଛି । ଏବେ ସଂସଦରେ ଇମ୍ରାନଙ୍କୁ ଅଗ୍ନିପରୀକ୍ଷା ଦେବାକୁ ହେବ । ଏପ୍ରିଲ ୯ତାରିଖ ସକାଳ ୧୦ଟାରେ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟିଂ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବିରୋଧୀ ଗୋଷ୍ଠୀ ନିକଟରେ ଅଧିକ ସାଂସଦ ରହିଥିବାରୁ ଇମ୍ରାନଙ୍କ ପରାଜୟ ନିଶ୍ଚିତ ବୋଲି କୁହାଯାଉଛି ।

## କନ୍ଧମାଳ ଜିଲ୍ଲାର ବିଜେଡି ସାଧାରଣ ସମ୍ପାଦକ ଦଳରୁ ନିଲମ୍ବିତ

ଭୁବନେଶ୍ୱର, ୦୮/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲାର ବିଜୁ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମୁନୀଙ୍କୁ ଦଳରୁ ନିଲମ୍ବନ କରା ଯାଇଛି । ଦଳ ବିରୋଧୀ କାମ ପାଇଁ ତାଙ୍କୁ ପାର୍ଟିର ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ପାର୍ଟିରୁ ନିଲମ୍ବିତ କରିଛନ୍ତି ବୋଲି ବିଜେପି ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚନା ଦିଆ ଯାଇଛି ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

ଭୁବନେଶ୍ୱର, ୦୮/୦୪ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ହାଇକୋର୍ଟ ଶୁକ୍ରବାର ଦିନ ତିନୋଟି ପ୍ରସଙ୍ଗରେ ରାଜ୍ୟ ସରକାର ଓ ଆର୍କୋଲୋଜିକାଲ ସର୍ଭେ ଅଫ ଇଣ୍ଡିଆକୁ ଜବାବ ତଲବ କରିଛନ୍ତି। ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ କରି ୩ଟି ପ୍ରସଙ୍ଗରେ ଉତର ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ କଣ ନିର୍ମାଣ ହେଉଛି ? ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ରହିଛି ନା ନାହିଁ ? ନିର୍ମାଣ ଦ୍ୱାରା ଶ୍ରୀମନ୍ଦିର ପ୍ରତି ବିପଦ ଅଛି ନା ନାହିଁ ଜଣାଅ ବୋଲି ହାଇକୋର୍ଟ କହିଛନ୍ତି। ୧୭ ତାରିଖ ସୁଦ୍ଧା ଜଣାଇବାକୁ ହାଇକୋର୍ଟ କହିଛନ୍ତି । ଏହି ମାମଲାର ପରବର୍ତୀ ଶୁଣାଣୀ ଆଗାମୀ ଏପ୍ରିଲ ତାରିଖରେ ହେବ ।

## ଲାଲୁ ଯାଦବଙ୍କୁ ମିଳିଲା ନାହିଁ ଜାମିନ୍, ସିବିଆଇ କୋର୍ଟକୁ ମାଗିଲା ସମୟ

ରାଂଚି, ୦୮/୦୪ (ନି.ପ୍ର): ଝାରଖଣ୍ଡ ହାଇକୋର୍ଟରେ ଶୁକ୍ରବାର ଦିନ ଚାରା ଘୋଟାଲାରେ ସଜାୟାପ୍ତ ବିହାରର ପୂର୍ବ ମୁଖ୍ୟମନ୍ତ୍ରୀ ରାଜଦ ପ୍ରମୁଖ ଲାଲୁ ପ୍ରସାଦ ଯାଦବଙ୍କ ଜାମିନ ଆବେଦନ ଉପରେ ଶୁଣାଣୀ ହୋଇଛି। ଏଥିରେ ସିବିଆଇ ନିଜ ଜବାବ ଦାଖିଲ କରିବା ପାଇଁ କୋର୍ଟରୁ ସମୟ ମାଗିଛି। କୋର୍ଟ ଆଗାମୀ ୨୨ ଅପ୍ରେଲ୍‌କୁ ଶୁଣାଣୀର ଆସନ୍ତା ତିଥି ନିର୍ଦ୍ଧାରଣ କରିଛି। ଏହି ମାମଲା ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କ ଅଦାଲତରେ ଶୁଣାଣୀ ପାଇଁ ସୂଚୀବଦ୍ଧ ଥିଲା। ଲାଲୁପ୍ରସାଦଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବ୍ବଲ ମଧ ସାମିଲ ହୋଇଥିଲେ। ଲାଲୁ ଚାରା ଘୋଟାଲା ସହିତ ଯୋଡ଼ି ଡୋରଣ୍ଡା କୋଷାଗାର ସହ ବେଆଇନ ଭାବେ ଟଙ୍କା କାଢ଼ିବା ମାମଲାରେ କାରାକାରରେ ଅଛନ୍ତି । ଏହି ମାମଲାରେ ଅଦାଲତ କୃଷ୍ଣ ମୋହନ ପ୍ରସାଦ ସମେତ ଅନ୍ୟ ତିନିଜଣଙ୍କୁ ଜାମିନ ଦେଇଛି। କୃଷ୍ଣ ମୋହନ ସେତେବେଳେ କୃଷି ନିର୍ଦ୍ଦେଶକ ଥିଲେ। ଯେଉଁ ଲୋକଙ୍କୁ ଜାମିନ୍ ମିଳିଛି ସେମଧରେ ଟ୍ରାକ୍ଟର ଏବଂ ସପ୍ଲାୟର ସାମିଲ୍ ଥିଲେ।

# ନବନିଯୁକ୍ତ ନିୟମିତ ପ୍ରାଥମିକ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଆପାଳ, ୦୮/୦୪ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରାଥମିକ ଶିକ୍ଷକସଂଘ ଏନପିଏସ ତରଫରୁ ଆଜି ନବନିଯୁକ୍ତ ୪୭ ଜଣ ନିୟମିତ ପ୍ରାଥମିକ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏନେଇ ଆଜି ଉଦୟନାରାୟଣ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସଭାପତି ପୂର୍ଣ୍ଣେନ୍ଦୁ ଦାସ ସଭାପତିତ୍ୱ କରିଥିଲେ । ଅତିଥି ଭାବରେ ସମନ୍ୱୟ ସମିତିର ସଭାପତି ମନ୍ମଥ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ ଆଦିତ୍ୟ କୁମାର ରାଉତ ସମ୍ମାନୀତ ଅତିଥିଭାବରେ ନିମ୍ନମାଧମିକ ଶିକ୍ଷକ ସଂଘର ସାଧାରଣ ସଂପାଦକ ବିଶ୍ୱମ୍ବର ପାତ୍ର, ଏନପିଏସ ସଂଘର ସାଧାରଣ ସଂପାଦକ ନିତାଇ ଚରଣ ରାଉଳ, ବ୍ୟୋମକେଶସାହୁ, ଶିକ୍ଷକ ନେତା ସୁଶାନ୍ତ କର, ଧନଞ୍ଜୟ ଦେ, ମନୋରଞ୍ଜନ ପ୍ରଧାନ,ସୁରଥ ପ୍ରମାଣିକ ,ସନ୍ତୋଷ ଜେନା,ଦୀପକ ନାୟକ, ସୁବାଷ ଚନ୍ଦ୍ର ଭଞ୍ଜ, ତ୍ରୀଲୋଚନ ସାହୁ , ବସନ୍ତ କୁମାର ରାଉତ, ସୁଶାନ୍ତ କୁମାର ଗିରି ପ୍ରମୁଖ ଯୋଗଦେଇ ଶିକ୍ଷକ ମାନଙ୍କର ସମସ୍ୟା ସରକାରଙ୍କ ପାଖରେ ପହଂଚାଇବା ପାଇଁ ସଂଘର ପ୍ରମୁଖ ଭୂମିକା ଥିବା ନେଇ ମତ ରଖିଥିଲେ । ସଂଘର ସହସଂପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ନବାଗତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସାମ୍ବାଦିକଙ୍କ ଗିରଫଂକୁ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ତୀବ୍ର ନିନ୍ଦା



ଭଦ୍ରକ, ୦୮/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନିଳଗିରି ଥାନା ଆଇ.ଆଇ.ସିଙ୍କ ବର୍ବରୋଚିତ କାଣ୍ଡକୁ ତୀବ୍ର ନିନ୍ଦା କରିଛି ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ । ଆଜି ଏସ.ପି.ଙ୍କ ଜରିଆରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଓ ଡିଜିଙ୍କୁ ଦାବୀ ପତ୍ର ଦେଲା ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ । ତୁରନ୍ତ ଥାନାଧିକାରୀଙ୍କୁ ତାଙ୍କ କାର୍ଯ୍ୟରୁ ବହିଷ୍କୃତ କରିବାକୁ ଦାବୀ କରିଛି ସାମ୍ବାଦିକ ସଂଘ । ପ୍ରକାଶ ଯେ, ନିଳଗିରି ଥାନା ଅଂଚଳରେ ବେଆଇନ ଭାବେ ଡ୍ରଗ୍ସ କାରବାର ବୃଦ୍ଧି ପାଇବା ସହିତ ବିଭିନ୍ନ ବେଆଇନ କାରବାର ଖବର ପ୍ରସାରିତ କରିଥିଲେ ସମ୍ବାଦର ସାମ୍ବାଦିକ ଲୋକନାଥ ଦଳେଇ । ପରେ ସାମ୍ବାଦିକ ଶ୍ରୀ ଦଳେଇଙ୍କର ଗାଡି ପାର୍କିଂ ସମୟରେ ଜଣେ ବିଭାଗୀୟ ହୋମଗାର୍ଡ ଙ୍କ ସହିତ ବଚସା ହୋଇଥିଲା । ଏହି ଖବର ପାଇ ନିଳଗିରୀ ଥାନାର ଆଇ.ଆଇସି ତାଙ୍କୁ ଥାନାକୁ ଡକାଇ ତାଙ୍କ ମୋବାଇଲ ଛଡାଇନେବା ସହିତ ତାଙ୍କୁ ଧକ୍କା ଦେଇଥିଲେ । ଶ୍ରୀ ଦଳେଇ ତଳେ ପଡି ଯାଇଥିଲେ। ଆଘାତ ଲାଗିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କ ଗୋଡକୁ ବେଡି ପକାଇଥିଲେ । ଆଇ.ଆଇ.ସି ଓ ତାଙ୍କ ସହଯୋଗୀ ଙ୍କୁ ତୁରନ୍ତ ଚାକିରିରୁ ବହିଷ୍କୃତ କରାଯିବାକୁ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଦାବୀ କରିଛି । ଏଭଳି ଅମାନବିକତା କାର୍ଯ୍ୟକୁ ନେଇ ସାମ୍ବାଦିକ ମାନେ ଦୃଢ ନିନ୍ଦା କରିଛନ୍ତି । ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ରବି ନାରାୟଣ ଖିଲାର, ରାଜ୍ୟ ସଂଗଠକ ଅପୂର୍ବରଂଜନ ବେହେରା, କାର୍ଯ୍ୟକାରୀ ସଭାପତି ଚାରୁଦତ୍ତ ନାୟକ, ଉପସଭାପତି ରାଜେଶ ଦାସ, ମହେଶ ମିଶ୍ର, ସଂଜୀବ ନାୟକ, ଉପଦେଷ୍ଟା ପ୍ରକାଶ ମହାପାତ୍ର, ରାମ ନାରାୟଣ ନାୟକ, ଅନିଲ କୁମାର ବାରିଲ, ସଂପାଦକ ଆଶିଷ ଅମିତାଭ ମହାପାତ୍ର, ପ୍ରଦୀପ ମହାପାତ୍ର, ଅବିନାଶ ପଣ୍ଡା, ନବ ସ୍ୱାଇଁ, ଶୈଳେନ୍ଦ୍ର ପଲେଇ, ରାଜେନ୍ଦ୍ର ଶତପଥି ପ୍ରମୁଖ ତୀବ୍ର ନିନ୍ଦା କରିଛନ୍ତି।

# ଗୋଟିଏ ଦିନରେ ୨୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୮/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୮୨୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୪୪୧ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୮ ରହିଛି । ଆଜି ଚିହ୍ନଟ ହୋଇଥିବା ୨୨ ଜଣଙ୍କ ମଧ୍ୟରୁ ୧୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନ ଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧ ଓ ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ପାରି ନାହାନ୍ତି। ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଂଜାମ ଓ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇ ନାହାନ୍ତି । ଯାଜପୁର ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ମହୁଲିଆରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ପ୍ରାକୃତିକ ଚିକିତ୍ସା ଶିବିର



ବେତନଟୀ, ୦୮/୦୪ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ରାଷ୍ଟ୍ରୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାନ, ଭାରତ ସରକାରଙ୍କ ସହଯୋଗରେ ଆଇ.ଏନ.ଓ ଦ୍ୱାରା ରୋଗମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ପ୍ରାକୃତିକ ଚିକିତ୍ସା ଶିବିର, ବେତନଟୀ ଗ୍ରାମ ପଞ୍ଚାୟତ, ଶିମିଳିପାଳ ଇକୋ ଫ୍ରେଣ୍ଡସ ଏବଂ ଏପେକ୍ସ ଫରେଷ୍ଟ ପ୍ରଟେକ୍ସନ କମିଟି, ପକ୍ଷରୁ ମହୁଲିଆ ପ୍ରାଥମିକ ସ୍କୁଲ ପରିସରରେ ସ୍ଥାନୀୟ ସରପଞ୍ଚ ପାନମଣି ମୁର୍ମୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି, ଏଥିରେ ମୁଖ୍ୟ ଅତିଥି ଭାବରେ ଆୟୁଷ ବିଭାଗର ଅବସର ପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଜଗନ୍ନାଥ ମହାନ୍ତି ଯୋଗଦାନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରି କହିଲେ ଯେ, ରୋଗମୁକ୍ତ ଭାରତ ଅଭିଯାନକୁ ସଫଳ କରିବାକୁ ହେଲେ ଆମକୁ ସ୍ୱାତ୍ତିକ ଭୋଜନ, ନିୟମିତ ବ୍ୟାୟାମ, କଠିନ ପରିଶ୍ରମ ଉପଯୁକ୍ତ ବିଶ୍ରାମ ଏବଂ ସକାରାତ୍ମକ ଚିନ୍ତନ ର ଆବଶ୍ୟକତା ରହିଛି, ସମ୍ମାନିତ ଅତିଥି ଭାବରେ ପ୍ରଶିକ୍ଷିତ ହେଲଥ ଆମ୍ବାସାଡାର ଶ୍ରୀମତୀ ନୁପୁର ନାହାଁ,ମୁଖ୍ୟ ବକ୍ତା ଭାବରେ ପ୍ଲାନ ଇଣ୍ଡିଆର ବେତନଟୀ ଡାକ୍ତର ଖାନାର ଟୀକା କରଣ ମିତ୍ର ରତିକାନ୍ତ ବେହେରା, ସମ୍ମାନିତ ବକ୍ତା ଭାବରେ ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ଗନ୍ତାୟତ, ମା ସବଳା ବିଶ୍ୱ କଲ୍ୟାଣ ସେବା ସମିତିର ସଭାପତି ଅନ୍ନଦା ମହାନ୍ତ, ସମ୍ବାଦିକା ମାମିନା ମହାନ୍ତ, ବିଶିଷ୍ଟ ବକ୍ତା ଭାବରେ ଏୱାରନେସ ଇଣ୍ଡିଆର ସମ୍ପାଦକ ମନୋଜ କୁମାର ମହାନ୍ତ,ପ୍ରମୁଖ ଯୋଗ ଦାନ କରି ପ୍ରାକୃତିକ ଚିକିତ୍ସାର ଉପାଦେୟତା ପ୍ରସଙ୍ଗରେ ଆଲୋଚନା କରିଥିଲେ, ପ୍ରାକୃତିକ ଚିକିତ୍ସା ଶିବିରକୁ ପରିଚାଳନା କାରିଥିଲେ ଆଇ. ଏନ. ଓ ର ଉତ୍ତର ଓଡିଶା ପ୍ରମୁଖ ଡ଼କ୍ଟର ରମାକାନ୍ତ ମହାନ୍ତ, ଧନ୍ୟବାଦ ଅର୍ପଣ କାରିଥିଲେ ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ, ଏଥିରେ ୱାର୍ଡ ମେମ୍ବର ବନମାଳୀ ସିଂ, ଅଙ୍ଗନବାଡି କର୍ମୀ ପ୍ରଭାତୀ ହାଁସଦା, ଆଶାକର୍ମୀ ପ୍ରଭାତୀ ମହାନ୍ତ, ସ୍ୱେଚ୍ଛାସେବୀ ହେମନ୍ତ କିସ୍କୁ, ହରିଶ୍ଚନ୍ଦ୍ର ମହାନ୍ତ, ରଶ୍ମି ମହାନ୍ତ, ହେମଲତା ମହାନ୍ତେ, ଭୁବନେଶ୍ୱରୀ ମହାନ୍ତ, ଉମାକାନ୍ତ ମହାନ୍ତ, ଶ୍ରୀକାନ୍ତ ମହାନ୍ତ, ରତିକାନ୍ତ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦ୍ର କ୍ୟାବିନେଟର ୨୦୨୪ ସୁଦ୍ଧା ଦେଶରେ ପୃଷ୍ଟିକର ଚାଉଳ ବିତରଣ ନିଷ୍ପତ୍ତି ପ୍ରସଙ୍ଗ

### ଓଡ଼ିଶା ସମେତ ଦେଶରେ ଅପପୃଷ୍ଟିକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର, ୦୮/୦୪ (ନି.ପ୍ର): ୨୦୨୪ ସୁଦ୍ଧା ଦେଶରେ ପୃଷ୍ଟିକର ଚାଉଳ ବିତରଣ କରିବା ପାଇଁ କେନ୍ଦ୍ର କ୍ୟାବିନେଟର ନିଷ୍ପତି ସ୍ୱାଗତଯୋଗ୍ୟ ଏବଂ ଏହି ନିର୍ଣ୍ଣୟ ଓଡ଼ିଶା ସମେତ ଦେଶରେ ଅପପୃଷ୍ଟିକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କ୍ୟାବିନେଟର ଏହି ନିଷ୍ପତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି । ସେ କହିଛନ୍ତି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ଏନଏଫଏସଏ), ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡ଼ିଏସ), ପିଏମ ପୋଷଣ ଏବଂ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକରେ ଏହି ପୃଷ୍ଟିଯୁକ୍ତ ଚାଉଳ ବଂଟନ କରାଯିବ । ଏଥିପାଇଁ ଭାରତ ସରକାର ସମସ୍ତ ଅର୍ଥ ତଥା ବାର୍ଷିକ ପ୍ରାୟ ୨ ହଜାର ୭୦୦ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ । ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେବା ତଥା ଏକ ସୁସ୍ଥ ଭାରତ ସୁନିଶ୍ଚିତ କରିବା ଦିଗରେ ପ୍ରଧାନମନ୍ତ୍ରୀ ପ୍ରତିବଦ୍ଧତା ରହିଛି ବୋଲି ସେ କହିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ମୋଦି ୨ ହଜାର କୋଟି ଟଙ୍କା ବ୍ୟୟରେ ଅଟଳ ଇନୋଭେସନ ମିଶନକୁ ୨୦୨୩ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ନିଷ୍ପତି ନେଇଛନ୍ତି। ଶିକ୍ଷାନୁଷ୍ଠାନରେ ୧୦ ହଜାର ଅଟଳ ଟିଙ୍କରିଂ ଲ୍ୟାବ, ୧୦୧ ଅଟଳ ଇନକୁବେସନ ସେଂଟର, ୫୦ ଅଟଳ କମ୍ୟୁନିଟି ଇନୋଭେସନ ସେଂଟର ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ଅଟଳ ନ୍ୟୁ ଇଣ୍ଡିଆ ଚ୍ୟାଲେଞ୍ଜ ମାଧ୍ୟମରେ ୨୦୦ ଷ୍ଟାଟଅପକୁ ସହଯୋଗ କରାଯିବାର ଯୋଜନା ରହିଛି।

# ନୀଳଗିରି ଆଇ.ଆଇ.ସି.ଙ୍କ ଅମାନୁଷିକ ଘଟଣାକୁ ନିନ୍ଦା କଲା ନୀଳଗିରି ବିଜେଡି

ନୀଳଗିରି, ୦୮/୦୪ (ନି.ପ୍ର): ଏକ ଯୋଜନାବଦ୍ଧ ଭାବେ ନୀଳଗିରିର ବରିଷ୍ଠ ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ଏକ ମାମଲାରେ ଫସାଇ ଦେଇ ଇଂରେଜ ଶାସନଭଳି ବାଲେଶ୍ୱର ମୁଖ୍ୟଡାକ୍ତରଖାନାରେ ଚିକିତ୍ସାଧୀନ ଥିଲା ବେଳେ ତାଙ୍କ ଗୋଡ଼ରେ ବେଡ଼ି ପକାଇ ପୋଲିସକୁ ସଜାଗ ରଖିବା ଘଟଣା ଏକ ଅମଣଷର ପରିଚୟ ବୋଲି ଆଜି ନୀଳଗିରି ବିଜେଡିର ବରିଷ୍ଠ କର୍ମକର୍ତାଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଘୋର ନିନ୍ଦା କରିବା ସହ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନୀଳଗିରି ବିଜେଡିର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଏପରି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଦେବା ସହ ଜନୈକ ହାବିଲଦାରଙ୍କୁ ଚାକିରୀରୁ ନିଲମ୍ବିତ କରିବା ସହ ନୀଳଗିରି ଥାନାର ଆଇ.ଆଇ.ସି. ଦ୍ରୌପଦୀ ଦାସ, ତଦନ୍ତକାରୀ ଅଧିକାରିଣୀ ସୁବର୍ଣ୍ଣା ବେହେରାଙ୍କୁ ବଦଳି କରାଯାଇଛି । ସମସ୍ତ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ଯଦି ଦୁଇ ଅଧିକାରୀଙ୍କ ବିରୋଧରେ ସଂଗୀନ ଅଭିଯୋଗ ଆସେ ରାଜ୍ୟ ସରକାର ତାଙ୍କୁ ବହିଷ୍କାର କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ଭଳି ସାମ୍ବାଦିକଙ୍କ ଗୋଡ଼ରେ ଶିକୁଳି ପକାଇବା ଘଟଣାକୁ ସାମ୍ବାଦିକ ସମ୍ମିଳନୀରେ ଶିଶିର କୁମାର ରାଉତ, ଗତିକୃଷ୍ଣ ନନ୍ଦ, ବିଜୟ ଲେଙ୍କା, ସରୋଜ ଦାସ, ଗୌରାଙ୍ଗ ବିନ୍ଧାଣୀ, ରବିନ୍ଦ୍ର ନାୟକ, ଉଦୟଜ୍ୟୋତି ମହାନ୍ତି ତୀବ୍ର ନିନ୍ଦା କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରିଛନ୍ତି ।

